# ଯାତ୍ରା ପାର୍ଟି ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୪ ଆହତ

ପାଣିକୋଇଲି,୨୯।୧(ସମିସ): ପାଣିକୋଇଲି ଥାନା ଗୋଳେଇପୁରଠାରେ ଏକ ଯାତ୍ରାପାର୍ଟି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ଜଣ ଆହତ ହୋଇଛନ୍ତି। ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଠାରେ ଯାତ୍ରା ନାଟ୍ୟ ମଣ୍ଡପ ଯାତ୍ରା ପରିବେଷଣ କରୁଥିଲା। ଆଜି ଯାତ୍ରା ସରିବା ପରେ ଟ୍ରକ୍ ଯୋଗେ ବଡ଼ବିରୁହାଁରୁ ପାର୍ଟିର ସମଗ୍ରୀ ନେଇ ଏକ ଟ୍ରକ୍ ଆସୁଥିଲା। ବଡ଼ବିରୁହାଁ ହାଟସାହି ରାସ୍ତାର ଗୋଳେଇପୁର ନିକଟରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟିପଡ଼ିଥିଲା। ଫଳରେ ସେଥିରେ ଥିବା ୪ଜଣ ଟ୍ରକ୍ ଭିତରେ ରହିଯାଇଥିଲେ। ଘଟଣାସ୍ଥଳରେ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ ସହଯୋଗୀଙ୍କ ସହ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ଆହତ ଚାଳକଙ୍କୁ ଯାଜପୁର ରୋଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ତିନିଜଣଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚାଳକଙ୍କ ବ୍ୟତୀତ ଅନ୍ୟ ଆହତମାନେ ହେଲେ ବାଲିକୁଦା ଥାନା ଅଞ୍ଚଳର ଠୁଲରଞ୍ଜନ ନାୟକ (୬୦), ବାସୁଦେବପୁର ଥାନା ଅଞ୍ଚଳର ମୁରଲୀଧର ବିଶ୍ୱାଳ(୫୬) ଓ ବଡ଼ଚଣା ଥାନା ଅଞ୍ଚଳର ପ୍ରଫୁଲ୍ଲ ବାରିକ(୫୨)। ପରେ ଯାତ୍ରା ପାର୍ଟିର ମାଲିକାଣି ରାଣୀ ପଣ୍ଡା ପହଞ୍ଚି ସେମାନଙ୍କୁ ଭେଟିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିଛି।

# ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ

ବଡ଼ଚଣା,୨୯।୧(ସମିସ): 'ପାଟରା ପରିବାର, ଆମେ ସବୁ ପାଟରା' ଗ୍ରୁପ ତରଫରୁ ଏକ ସେବା କାର୍ଯ୍ୟକ୍ରମ "ଶେଷ ପରିଚୟ' ବୃଦ୍ଧାଶ୍ରମରେ ଅନୁଷ୍ଠିତ ହୋଇଥିଲା। ସଙ୍ଘର ସଭାପତି ପ୍ରଦୀପ କୁମାର ଷେଣ୍ଢ ଏହି ଶିବିରଟିକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅନ୍ତେବାସୀମାନଙ୍କୁ ରାସନ ସାମଗ୍ରୀ, ଫଳ ସାମଗ୍ରୀ, ଟେବୁଲ ଚେୟାର ଓ ବୟସ୍କ ମାନଙ୍କ ପାଇଁ ଅନ୍ୟାନ୍ୟ ଆବଶ୍ୟକ ଉପକରଣ ପ୍ରଦାନ କରାଯାଇଥିଲା। ସଂଘର ସମ୍ପାଦକ ବିଜୟ କୁମାର ସାହୁ, ଉପସଭାପତି ରୂପେଶ କୁମାର ପାତ୍ର, କୋଷାଧ୍ୟକ୍ଷ ସତ୍ୟରଞ୍ଜନ ସାହୁ, ସମାଜସେବୀ ଲୋପମୁଦ୍ରା ସେଣ୍ଠ, ସଭ୍ୟ ପୀତବାସ ନାୟକ, ଅବିନାଶ ସାହୁ, ବିଶ୍ୱଜିତ ମହଲା, ସୁମିତ୍ରା ନାୟକ, ଉପେନ୍ଦ୍ର ପାତ୍ର, ଶକ୍ତିପ୍ରସାଦ ସାହୁ ଓ ରାଜେଶ କୁମାର ପାତ୍ର, ସନ୍ତୋଷ କୁମାର ସାହୁ, ପୁଷ୍ପଲତା ସାହୁ ଓ ସୁମିତ୍ରା ସାହୁ ସମୂହ ସହଯୋଗ କରିଥିଲେ।

# ନିଷେଧାଦେଶ ପରେ ଗୁଟଖା ଦର ଦୁଇଗୁଣା

ବରୀ,୨୯ ।୧(ସମିସ): ରାଜ୍ୟ ସରକାର ସମସ୍ତ ଗୁଟଖା, ପାନ ମସଲା, ସିଗାରେଟ, ଜର୍ଦ୍ଦା, ଖଇନି ଏବଂ ତମାଖୁ ତଥା ନିକୋଟିନଯୁକ୍ତ ସମସ୍ତ ଉତ୍ପାଦର ବିକ୍ରି ଉପରେ ସଂପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି। ଏହାର ସୁଯୋଗ ନେଇ ପୂର୍ବରୁ ଯେଉଁମାନେ ଏହି ବ୍ୟବସାୟ କରୁଥିଲେ ସେମାନେ ଗୁଟ୍‌ଖା, ଖଇନି ଆଦିର ଦର ଦୁଇରୁ ତିନି ଗୁଣରୁ ଅଧିକ କରି କଳା ବଜାରରେ ବିକ୍ରି କରି ମାଲାମାଲ ହେଉଛନ୍ତି। ବର୍ତ୍ତମାନ ଦୋକାନ ଗୁଡ଼ିକରେ ଖୋଲାଖୋଲି ତମାଖୁ ବିକ୍ରି ହେଉ ନଥିବା ବେଳେ ତମାଖୁ ସେବନରେ ଅଭ୍ୟସ୍ତ ଗ୍ରାହକ ଏବେ ବିକଳ୍ପ ଖୋଜୁଥିବାରୁ ଏହାର ସୁଯୋଗ ନେଇ ଦୋକାନୀ କଳାବଜାର ଆରମ୍ଭ କରିଦେଇଛନ୍ତି। ତିନି ଗୁଣା ଚଢ଼ାଦରରେ ଲୋକଙ୍କୁ ତମାଖୁ ବିକ୍ରି କରାଯାଉଛି। କାରଣ ଆଗରୁ କେବଳ ଗୁଟଖା ଉପରେ ନିଷେଧାଦେଶ ଜାରିହୋଇଥିଲା। ଏବେ ନିକୋଟିନ ଯୁକ୍ତ ସମସ୍ତ ପଦାର୍ଥକୁ ନିଷିଦ୍ଧ କରିବା ଫଳରେ କଳା ବଜାର ଅଧିକ ବଢ଼ିଛି। ଯେଉଁ ହୋଲସେଲ ବ୍ୟବସାୟୀମାନେ ଏସବୁ ସାମଗ୍ରୀକୁ ଗଚ୍ଛିତ ରଖିଥିଲେ ସେମାନେ ଦରକୁ ବଢ଼ାଇ ଦେଇଛନ୍ତି। ଆଉ ଲାଭବାନ୍ ହେଉଛନ୍ତି। ଦୋକାନୀ ମାନେବି ଲୁଚାଛପାରେ ଏହାକୁ ବିକ୍ରି କରୁଛନ୍ତି। ବିଭିନ୍ନ ନାମୀ ଓବେନାମୀ କମ୍ପାନୀର ତମାଖୁ ବିକ୍ରି ହେଉଛ। ଫଳରେ ଧରପଗଡ଼ର ଏବେ ଆବଶ୍ୟକତା ରହିଛି।

# ବ୍ୟବସାୟୀ ଗୋବିନ୍ଦ ସାହୁଙ୍କ ସ୍ମୃତି ଚାରଣ



ଧର୍ମଶାଳା,୨୯।୧(ସମିସ): ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଧର୍ମଶାଳା କ୍ଲବ୍ ପରିସରରେ ବିଶିଷ୍ଟ ବ୍ୟବସାୟୀ ତଥା ଧର୍ମପରାୟଣ ବ୍ୟକ୍ତି ସ୍ୱର୍ଗତ ଗୋବିନ୍ଦ ସାହୁଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତା କାହ୍ନୁଚରଣ ଦାଶ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ କିଶାନ ପଣ୍ଡା, କୃଷକନେତା ବସନ୍ତ ପରିଡ଼ା, ସାମ୍ବାଦିକ ରମାକାନ୍ତ ଜେନା, ଇନ୍ଦ୍ରମଣି ନାୟକ, ଆଇନଜୀବୀ ଶ୍ୟାମାପ୍ରସାଦ ଦାଶ, ନାରାୟଣ ମଲ୍ଲିକ, ବଡ଼ଭାଇ ଅନାଦି ସାହୁ, ଅନନ୍ତ ପ୍ରଧାନ, ଶୁଭକାନ୍ତ ନାୟକ, ହରିହର ମଲ୍ଲିକ, ହରିହର ସାହୁ ପ୍ରମୁଖ ସ୍ୱର୍ଗତ ସାହୁଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଗିରିଧାରୀ ବେହେରା, ଆକୁଳାନନ୍ଦ ଜେନାମଣି, ସନ୍ତୋଷ ଓଝା, ରତିକାନ୍ତ ସାହୁ, ରାଜକିଶୋର ସାହୁ, ସୁନନ୍ଦ ସାହୁ, ସୁଶାନ୍ତ କୁମାର ସାହୁ ଓ ସୁଜାତା ସାହୁ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ପୁତୁରା ନିର୍ମଳ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ବାଲିଘାଟରେ ଚଢ଼ଉ, ୩ ଟ୍ରାକ୍ଟର ଜବତ









ଦାନଗଦି/ଯଖପୁରା,୨୯।୧(ସମିସ): ଯାଜପୁର ଜିଲ୍ଲା ଦାନଗଦି ତହସିଲ ଅନ୍ତର୍ଗତ ଖପୁରିଆପଦା ବାଲି ଘାଟରୁ ବାରମ୍ବାର ବାଲି ଚୋରି ନେଇ ଅଭିଯୋଗ ହୋଇଆସୁଥିଲା। ଆଜି ବାଲି ଘାଟ ଉପରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ୩ ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟରଗୁଡ଼ିକୁ ଦାନଗଦି ଫାଣ୍ଡିରେ ଅଟକ ରଖାଯାଇଥିବାବେଳେ ଡ୍ରାଇଭର ଫେରାର ଅଛନ୍ତି। ଚଢ଼ଉରେ ଜୁନିୟର ମାଇନିଙ୍ଗ ଅଫିସର ଶେଖର କୁମାର ମଲ୍ଲିକ, ଅଶୋକ କୁମାର ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ସାମିଲ୍ ଥିଲେ।

ଆଜି ସକାଳୁ କୌଣସି ସୂତ୍ରରୁ ଖବର ପାଇ ବିଭାଗୀୟ ଅଧିକାରୀ ଚଢ଼ଉ କରିଥିବାବେଳେ ବାଲି ଚାଲାଣ ପାଇଁ ଥିବା ଓଡି ୩୪ ପି ୧୩୬୪, ଓଡି ୦୪ ଏଚ୍ ୧୩୪୭ ଓ ଅନ୍ୟ ଏକ ନମ୍ବର ବିହୀନ ଟ୍ରାକ୍ଟର ଜବତ କରାଯାଇଥିଲା।

ଏହି ବାଲି ଘାଟରୁ ଅନେକ ଦିନ ଧରି ଦୈନିକ ଶହ ଶହ ଟ୍ରିପ୍ ବାଲି ଚୋରି ହେଉଥିବାବେଳେ ବିନା ଲିଜ୍‌ରେ ବାଲି କିପରି ଚୋରି ହେଉଥିଲା ଓ ଏ ସମ୍ପର୍କରେ କେହି ଜାଣୁ ନଥିଲେ ନା ବିଭାଗୀୟ ଅଧିକାରୀ ଓ ବାଲି ମାଫିଆଙ୍କ ମଧୁଚନ୍ଦ୍ରିକାରେ ଏସବୁ ଚାଲୁଥିଲା ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ତେବେ ଆଜିର କାର୍ଯ୍ୟାନୁଷ୍ଠାନ କେବଳ ଧର୍ମକୁ ଆଖି ଠାର ନୁହେଁ ତ? ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟର ଲୁଟ୍‌ପାଟ ନେଇ ବିରୋଧୀ ତୁମ୍ଭିତୋଫାନ କରୁଥିବାବେଳେ ସରକାର ଚୋରା ଲଘୁ ଖଣିଜକୁ ଚାଲାଣ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା କହୁଛନ୍ତି। ହେଲେ ବାସ୍ତବତା ଏହାଠାରୁ ଭିନ୍ନ ବୋଲି ମତପ୍ରକାଶ ପାଉଛି।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ

ଯାଜପୁର,୨୯।୧,(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀଗଣ, ଅଧ୍ୟାପିକା, ନରସିଂହ ସ୍ୱୟଂଶାସିତ ମହାବିଦ୍ୟାଳୟ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ, ସରକାରୀ ବହୁମୁଖୀ ଅନୁଷ୍ଠାନର ଅଧ୍ୟାପକ ପ୍ରମୁଖ ଯୋଗଦାନ କରି ମେଳାକୁ ସଫଳ କରିବା ଉଦ୍ଦେଶ୍ୟରେ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଆସନ୍ତା ଫେବୃଆରୀ ୨୭ ତାରିଖରେ ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ଏହି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀ ଯୋଗଦେବେ। ଜିଲ୍ଲାର ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯେଭଳି ବହୁଳ ଭାବେ ଏହି ବୃହତ ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ସୁଯୋଗ ନେଇପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଏବଂ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ନିଯୁକ୍ତି ଆଶାୟୀ ନିଯୁକ୍ତି ମେଳାର ସୁଯୋଗ ନିଅନ୍ତୁ ବୋଲି ଆହ୍ୱାନ କରାଯାଇଥିଲା। ବିଶେଷକରି ଗ୍ରାମାଞ୍ଚଳର ନିଯୁକ୍ତି ଆଶାୟୀ ଯେଭଳି ବ୍ୟାପକ ଭାବେ ସଚେତନ ହୋଇ ଏହାର ସୁଯୋଗ ନେବାକୁ କୁହାଯାଇଥିଲା। ଯାଜପୁର ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବୃହତ୍ କମ୍ପାନୀ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି।



ନିଯୁକ୍ତି ମେଳା ସମୟରେ ଆଇନ ଶୃଙ୍ଖଳା ପାଇଁ ପୁଲିସ ଫୋର୍ସ ମୁତୟନ, ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ଆଲୋଚନା ହୋଇଥିଲା। ସେହି ଭଳି ଅଗ୍ନି ନିର୍ବାପକ ସୁରକ୍ଷା ପାଇଁ ସଂପୃକ୍ତ ବିଭାଗର କର୍ମଚାରୀମାନେ ମୁତୟନ ରହିବେ। ବୈଠକ ଶେଷରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦ୍ରକଳା ନାୟକଙ୍କ 'ପ୍ରଥମ ପ୍ରେମ' ଲୋକାର୍ପିତ



ଜେନାପୁର,୨୯।୧(ସମିସ): ଗାଳ୍ପିକ, ଲେଖକ ତଥା କବି ଡ. ଚନ୍ଦ୍ରକଳା ନାୟକଙ୍କ କବିତା ସଂକଳନ "ପ୍ରଥମ ପ୍ରେମ' ଲୋକାର୍ପିତ ହୋଇଯାଇଛି। ପୁସ୍ତକକୁ ଜୟ ଜଗନ୍ନାଥ ମହୋତ୍ସବରେ ବରିଷ୍ଠ ଜନନେତା ବିଜୟ ମହାପାତ୍ର, ପୂର୍ବତନ ସାଂସଦ ତଥା ସାମ୍ବାଦିକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଣ୍ଠଶିଳ୍ପୀ ସୁବାଷ ଦାସ, ଶ୍ରୀମନ୍ଦିରର ମା' ଲକ୍ଷ୍ମୀଙ୍କ ସେବକ ଯୋଗୀ ଜନ୍ମେଶ୍ୱର ଖୁଣ୍ଟିଆ ପ୍ରମୁଖ ଲୋକାର୍ପଣ କରିଥିଲେ। ଆଲୋକ ରଞ୍ଜନ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ଶତପଥୀ କହିଥିଲେ ଯେ, ନିବିଡ ଆବେଗ, ଅନୁଭବ, ଉପଲବ୍ଧି, ଭାବପ୍ରବଣତା ଚନ୍ଦ୍ରକଳାଙ୍କ ପ୍ରତ୍ୟେକ କବିତା ଓ ଗଳ୍ପକୁ ଜୀବନ୍ତ କରିଥାଏ। କବି ଡ. ଚନ୍ଦ୍ରକଳା କହିଥିଲେ ଯେ, ଆବେଗ, ପ୍ରେମ ଏବଂ ଆତ୍ମୀୟତା ହିଁ କବିତା ସୃଷ୍ଟିର ମାଧ୍ୟମ।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସମ୍ବର୍ଦ୍ଧନା

ମଇଁଦା,୨୯ ।୧(ସମିସ): ବିଂଝାରପୁର ବ୍ଲକ୍ କଲ୍ୟାଣପୁର ପଞ୍ଚାୟତ ବରୁଣେଶ୍ୱର ଆଦର୍ଶ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରୁଣେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା, ମୁଖ୍ୟ ବକ୍ତାଭାବେ ପ୍ରଧାନ ଶିକ୍ଷକ ହବିବୁଲ ମୋହିନୀ ଯୋଗଦାନ କରିଥିଲେ। ଏହି ଉତ୍ସବରେ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସଂକଳ୍ପ ଦାସ ଓ ରୁଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସାଇ ଶ୍ରଦ୍ଧା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବକୁ ଅରୁପାନନ୍ଦ ମହାନ୍ତି, କବିତା ସାହୁ, ଅରୁଣ କୁମାର ସାମଲ, ସସ୍ମିତା ସାହୁ, ଭାଗ୍ୟଶ୍ରୀ ଦାଶ, ଅର୍ଚ୍ଚନା ନାୟକ, ଉର୍ମିଳା ଦାସ, ଅଞ୍ଜଳି ବାରିକ ପ୍ରମୁଖ ସହଯୋଗ କରିଥିଲେ। ନରେନ୍ଦ୍ର କୁମାର ଦାସ, ମିତା ଦାସ, ପ୍ରଶାନ୍ତ କୁମାର ଦାଶ, ସୌଦାମିନୀ ଜେନା, ଶମ୍ଭୁନାଥ ମଲ୍ଲିକ, ସୁକାନ୍ତି ମିଶ୍ର, ମନଲୋଭା ଦାସ, ମୋନାଲିସା ସାମଲ, ସୀତା ସୁନ୍ଦରୀ ସାମଲ, ଶିବ ସୁନ୍ଦର ଦାସ, ଅଜୟ କୁମାର ମଲିକ, ଏସ୍‌କେ ଅନୁରୁଲ ହକ୍, ସେକ ଅବଦୁଲ ମୁକ୍ତାଦିର, ସେକ୍ ସହିଦୁଦ୍ଦିନ ପ୍ରମୁଖ ବହୁ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।



## କରଦା ହରିହାଟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଝୁମେଇଲେ ଅଭିନେତ୍ରୀ ଦିବ୍ୟା

ପାଣିକୋଇଲି,୨୯।୧(ସମିସ): କୋରାଇ ବ୍ଲକ୍ କରଦା ପଞ୍ଚାୟତର ଗଣପର୍ବ ହରିହାଟ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକଙ୍କୁ ଝୁମାଇଥିଲେ ଅଭିନେତ୍ରୀ ଦିବ୍ୟା। କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରାକ୍ତନ ସାଂସଦ ଶର୍ମିଷ୍ଠା ସେଠୀ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ କୋରେଇ ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ମେଳା କମିଟିର କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, କରଦା ପଞ୍ଚାୟତର ନାଏବ ସରପଞ୍ଚ ପ୍ରଭାତ ମହାପାତ୍ର, ବରିଷ୍ଠ ସଦସ୍ୟ ଅଦ୍ୱୈତ୍ୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ମହୋତ୍ସବ କମିଟି ପକ୍ଷରୁ ସମ୍ପାଦକ ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ମହୋତ୍ସବ କମିଟି ପକ୍ଷରୁ ସୁଧାକର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଡିଜିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜନ କରାଯାଇଥିବା ଉକ୍ତ ସଭାପରେ ସ୍ଥାନୀୟ କୁନି କଳାକାର ଓ ରାଜ୍ୟ ସଂସ୍କୃତି ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍କଳ କନ୍ୟା ପାଇକ ଆଖଡ଼ା, କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ, କିଙ୍ଗ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିପରି ମେଳାରେ ଆଜି ଭିଡ଼ ଦେଖିବାକୁ ମିଳିଥିଲା। ପିଲାମାନେ ଦୋଳିର ମଜା ଉଠାଇଥିଲେ। ଯୁବକ ଯୁବତୀମାନେ ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇଥିଲେ। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।




## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କର୍ଯ୍ୟାଁଗୋଲା,୨୯।୧(ସମିସ): ଦଶରଥପୁର ବ୍ଲକ୍ ବିରିପଟା ଉଚ୍ଚ ବିଦ୍ୟାଳୟର ୧୯୮୬ ବ୍ୟାଚ ଛାତ୍ର ଛାତ୍ରୀ ଙ୍କ ବନ୍ଧୁ ମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୁଣା ବନ୍ଧୁ ସେମାନଙ୍କ ପିଲାଦିନର ସ୍ମୃତି ମନେପକାଇଥିଲେ। ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁରାତନ ଛାତ୍ରଛାତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦିବଂଗତ ବନ୍ଧୁମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଏକମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ପରେ ସ୍ୱରଚିତ କବିତା ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯାଇଥିବାବେଳେ ଭୋଜିଭାତର ଆୟୋଜନ କରାଯାଇଥିଲା। ନିହାରବାଳା ଧଳ, ଦେବବ୍ରତ ନାୟକ, ସତ୍ୟବ୍ରତ ନାୟକ, ଯୋଗେନ୍ଦ୍ର ରାଉତ, କମଳାକାନ୍ତ ସାମଲ, ଚିନ୍ମୟ ସାମଲ, କୁମୁଦ ଦାସ, ସୁବ୍ରତ ନାୟକ, ଆଶିଷ କୁମାର କାଣ୍ଡି, ବିଜୟ ନାୟକ, ବିଜୟ ବେହେରା, ପ୍ରଭାତ ଜେନା, ଆନନ୍ଦ ଦାସ, ସୁରେଶ ବେହେରା, ସୁଚିତ୍ରା ଧଳ, ଜୟନ୍ତୀ ନାଥ, ସତ୍ୟରଞ୍ଜନ ନାୟକ, ବଟକୃଷ୍ଣ ମଲ୍ଲିକ, ମନୋରମା ବେହେରା, ତରୁଲତା ମଲ୍ଲିକ, ଜୟନ୍ତୀ ନାଥଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।




# ବିଦଗ୍ଧ କବି ଅଭିମନ୍ୟୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଯାଜପୁର,୨୯।୧(ସମିସ): ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କବିଙ୍କ ଜନ୍ମ, ସାଧନା ଓ ସମାଧି ପୀଠ ଅଭିମନ୍ୟୁ ବାଲିଆଠାରେ ପାଳିତ ହୋଇଯାଇଛି। ଜୟନ୍ତୀର ଉଦ୍‌ଘାଟନୀ ଉତ୍ସବ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅଭିମନ୍ୟୁ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାହିତ୍ୟ ପରିଷଦର ସଭାପତି ଡକ୍ଟର ରବୀନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥିଭାବେ ନାଟ୍ୟକାର ବିଜୟ ଦାସ, ସମ୍ମାନିତ ଅତିଥିଭାବେ ଔପନ୍ୟାସିକ ଡକ୍ଟର ବାସୁଦେବ ଦାସ ଓ ମୁଖ୍ୟବକ୍ତାଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର ଯୋଗଦେଇ ବିଦଗ୍ଧ କବିଙ୍କ ସାରସ୍ୱତ ସୃଷ୍ଟି ଓଡ଼ିଆ ବାଣୀଭଣ୍ଡାରକୁ ବଳିଷ୍ଠ କରିବାରେ ପ୍ରମୁଖ ଭୂମିକ ଗ୍ରହଣ କରିଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜୟନ୍ତୀ କାର୍ଯ୍ୟକ୍ରମକୁ ସଞ୍ଜୟ କୁମାର ଛୁଆଳ ସିଂହ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ଜଗା ଶିଶୁ ସାହିତ୍ୟ ସଂସଦ, ନାଥପୁର ଓ ବିଦଗ୍ଧ ଅଭିମନ୍ୟୁ ବାଲିଆର ମିଳିତ ଉଦ୍ୟମରେ ଜୟନ୍ତୀ ମଣ୍ଡପରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ବିଦଗ୍ଧର ନିର୍ଦ୍ଦେଶକ ଶରତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜଗା ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ଅଜୟ କୁମାର ଜେନା ଅତିଥିପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ବାଗ୍ମୀ ଜ୍ଞାନାନନ୍ଦ ସାଗର କୁମାର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଡକ୍ଟର ରବୀନ୍ଦ୍ର କୁମାର ଦାସ, ଅଧ୍ୟାପକ ନିରୋଦ କୁମାର ଜେନା ଓ କବି ବିଶ୍ୱବନ୍ଦିତା ଦାଶ ଅତିଥିଭାବେ ଯୋଗଦେଇ କବି ଓ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ମହାପାତ୍ର ବନ୍ଦନା ସାମଲ, ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଓ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶତାଧିକ କବି ସେମାନଙ୍କ କବିତା ପାଠ କରିଥିଲେ। ଏହି ଅବସରରେ ଉଭୟ ଅନୁଷ୍ଠାନ ପକ୍ଷରୁ କବିତାୟନ ନାମରେ ଏକ କବିତା ସଂକଳନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ କବିଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା।

ଅଭିମନ୍ୟୁ ସାହିତ୍ୟ ପରିଷଦର ସଭାପତି ଡକ୍ଟର ରବୀନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦର କାର୍ଯ୍ୟକାରୀ ସମ୍ପାଦକ ଶରତ କୁମାର ଜେନା ଅତିଥିପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନିରୋଦ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ବିଶ୍ୱବନ୍ଦିତା ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଚିରସନ୍ଧାନର ସମ୍ପାଦକ ଡକ୍ଟର ପ୍ରାର୍ଥସାରଥି ଅଜୟ ବାରିକ, ସମ୍ମାନିତ ଅତିଥିଭାବେ ବିଷ୍ଣୁମୋହନ ମିଶ୍ର ଯୋଗଦେଇଥିବାବେଳେ ମୁଖ୍ୟବକ୍ତାଭାବେ ବିଶିଷ୍ଟ ପ୍ରବଚକ ତଥା ମାଳିକା ଗବେଷକ ବିଭୂତି ଭୂଷଣ ପାଳ ଯୋଗଦେଇଥିଲେ। ଏହି ଅବସରରେ କବି ବିଶ୍ୱବନ୍ଦିତା ଦାଶଙ୍କ କବିତା ସଂକଳନ ନିଃଶବ୍ଦ ଝଙ୍କାରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୬୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

## ୭ବର୍ଷର ଶିଶୁ କନ୍ୟାକୁ ଅସଦାଚରଣ; ଯୁବକ ଗିରଫ

ଧର୍ମଶାଳା, ୨୯।୧(ସମିସ): ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ୭ ବର୍ଷର ଶିଶୁକନ୍ୟାକୁ ପଡ଼ୋଶୀ ଘରର ଜଣେ ଯୁବକ ଅସଦାଚରଣ କରି ଗିରଫ ହୋଇଥିବା ଜଣାପଡ଼ିଛି। ଝିଅଟି ଏକୁଟିଆ ଥିବାର ସୁଯୋଗ ନେଇ ଯୁବକ ଜଣଙ୍କ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ମୁତାବକ ଏହି ଥାନା ଅଞ୍ଚଳର ଜଣେ ଯୁବକ ଗତକାଲି ସନ୍ଧ୍ୟାରେ ପଡ଼ୋଶୀ ଘରେ ଏକୁଟିଆ ଶିଶୁ କନ୍ୟା ସହିତ ଅସଦାଚରଣ କରିଥିଲା। ଏ ନେଇ ଶିଶୁ କନ୍ୟା ତା'ର ମା'ଙ୍କୁ ଜଣାଇବା ପରେ ପରିବାର ଲୋକେ ଆଜି ସକାଳେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଧର୍ମଶାଳା ଥାନା ପୁଲିସ ୩୦/୨୬ ରେ ଏକ ମାମଲା ରୁଜୁ କରି ଏହି ଥାନା ଚହଟା ଗ୍ରାମର ମାନ ସୋଙ୍କ ପୁଅ ସିପୁସୋଠୀ (୨୫)କୁ ଉଠାଇ ଆଣି ଥାନାରେ ପଚରାଉଚରା କରିବା ପରେ ତାଙ୍କୁ ଗିରଫ କରିଛି ସହ ତାର ଡାକ୍ତରୀ ମାଇନା କରାଇଛି। ଆସନ୍ତା କାଲି ଅଭିଯୁକ୍ତ ସିପୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ମନ୍ଦିର ସଫେଇ ଓ ଚାରା ରୋପଣ

ସୁକିନ୍ଦା/ହାତୀବାରି, ୨୯।୧(ସମିସ): ହାତୀବାରିସ୍ଥିତ ଶ୍ରୀଜଗନ୍ନାଥ ସେବାସଂଘ ଆନୁକୂଲ୍ୟରେ ଜଗନ୍ନାଥ ମନ୍ଦିର ପରିସର ସଫେଇ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଫେଇ ପରେ ମନ୍ଦିରର ବାର୍ଷିକ ଉତ୍ସବ ସମ୍ବନ୍ଧିତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ବୁଦ୍ଧିଜିବୀ ମନୋଜ କୁମାର ନାଥ, ଜଗନ୍ନାଥ ବାଇ, ରଞ୍ଜିତ ବେହେରା, ଗିରିଶ ଗାହାଣ, ପ୍ରଦୀପ ନାଥ, ବାପୁଜୀ ପାଢ଼ୀ, ସୁଲଭ ଭୂତିଆଙ୍କ ସମେତ ସେବାଦଳର ଅନେକ ସଭ୍ୟ ସାମିଲ ଥିଲେ।

# ୩ରେ ଆସିବେ ରାଷ୍ଟ୍ରପତି, ସୁରକ୍ଷା କଡ଼ାକଡ଼ି

ଯାଜପୁର, ୨୯।୧(ସମିସ)



ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ ତାରିଖରେ ଯାଜପୁର ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଉଛି। ଏହାସହ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ 'ବ୍ଲୁ ବୁକ୍' ଅନୁଯାୟୀ ଜିଲ୍ଲାପାଳ ଅମ୍ବର କୁମାର କର ଭାରତୀୟ ନାଗରିକ ସୁରକ୍ଷା ସଂହିତା ସେକ୍ସନ ୧୬୩ ଅଧୀନରେ ପ୍ରଦତ୍ତ କ୍ଷମତା ଆଧାରରେ ଯାଜପୁରର କିଛି ଅଞ୍ଚଳକୁ 'ନୋ ଫ୍ଲାଇଙ୍ଗ ଜୋନ' ବା 'ଡ୍ରୋନ ମୁକ୍ତ ଅଞ୍ଚଳ' ଘୋଷଣା କରିଛନ୍ତି। ଭିଭିଆଇପିଙ୍କ ପାଇଁ ସୁରକ୍ଷିତ ଏୟାର ସ୍ପେସ ତିଆରି କରିବା ଉଦ୍ଦେଶ୍ୟ ନେଇ ୧ ଫେବୃଆରୀ ୨୦୨୬ ରବିବାର ସକାଳ ୬ ଘଟିକା ଠାରୁ ୩ ଫେବୃଆରୀ ୨୦୨୬ ମଙ୍ଗଳବାର ଦିନ ୧ ଘଟିକା ଯାଏଁ କୌଣସି ବ୍ୟକ୍ତିବିଶେଷ, ଗଣମାଧ୍ୟମ ସଂସ୍ଥା କିମ୍ବା ପ୍ରାଇଭେଟ୍ ସଂସ୍ଥା ଦ୍ୱାରା ଡ୍ରୋନ, ପାରାଗ୍ଲାଇଡର, ମାଇକ୍ରୋ ଲାଇଟ ଏୟାରକ୍ରାଫ୍ଟ, ହଟ ଏୟାର ବେଲୁନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି।

**ଡ୍ରୋନ୍ ଉଡ଼ିବା ନେଇ ପ୍ରଶାସନିକ କଟକଣା**

ପ୍ରଶାସନ ଭବନ ପଡ଼ିଆ ହେଲିପ୍ୟାଡରୁ ୩ କିମି ବ୍ୟାସାର୍ଦ୍ଧ ଅନ୍ତର୍ଭୁକ୍ତ ଅଞ୍ଚଳ, ନରସିଂହ ଚୌଧୁରୀ କଲେଜ ହେଲିପ୍ୟାଡର ୩ କିମି ବ୍ୟାସାର୍ଦ୍ଧ ଅନ୍ତର୍ଭୁକ୍ତ ଅଞ୍ଚଳ, ବିରଜା ମନ୍ଦିର ପରିସର ଏବଂ ହେଲିପ୍ୟାଡରୁ ବିରଜା ମନ୍ଦିର ରାସ୍ତା, ସର୍କିଟ ହାଉସ ଏବଂ ଭିଭିଆଇପିଙ୍କ ଅନ୍ୟାନ୍ୟ ରହଣି ସ୍ଥଳରେ ଏହି ନିୟମ ଲାଗୁ ହେବ। ଯାଜପୁର ଆରକ୍ଷୀ ଅଧୀକ୍ଷକ ଏବଂ ରାଷ୍ଟ୍ରପତିଙ୍କ ସେକ୍ରେଟେରିଏଟଙ୍କ ବିନା ଅନୁମତିରେ ଡ୍ରୋନ କ୍ୟାମେରା ସାହାଯ୍ୟରେ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରାଯାଇପାରିବ ନାହିଁ। ଉପରୋକ୍ତ ଅବଧି ମଧ୍ୟରେ ନିଷେଧାଞ୍ଚଳରେ ଯଦି କୌଣସି ଅନଧିକୃତ ଉଡନ୍ତା ବସ୍ତୁ ଠାବ ହୁଏ, ତାହେଲେ ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିବିଶେଷ ବା ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ କ୍ରିମିନାଲ ପ୍ରୋସିଡିଙ୍ଗ ନିଆଯିବ। ତେବେ ଏହି ନିଷେଧ ଆଦେଶରୁ ଭାରତୀୟ ବାୟୁସେନା, ଭାରତୀୟ ସ୍ଥଳସେନାର ବିମାନ କିମ୍ବା ହେଲିକପ୍ଟର ଏବଂ ଭିଭିଆଇପିଙ୍କ ଗସ୍ତରେ ବ୍ୟବହୃତ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ବିମାନକୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ, ମହାମହିମ ରାଷ୍ଟ୍ରପତି ମାଆ ବିରଜା ମନ୍ଦିରରେ ଦେବୀଙ୍କ ଦର୍ଶନ ସହ ନାଭିଗୟାରେ ପିଣ୍ଡଦାନ କରିବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି। ଆଜି ଅପରାହ୍ନରେ ରାଜ୍ୟ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମା' ବିରଜା ମନ୍ଦିରରେ ପହଞ୍ଚି ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ସମୟରେ ଯାଜପୁର ଜିଲ୍ଲାପାଳଙ୍କ ସହିତ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଜିଲ୍ଲାପାଳ ମା' ବିରଜାଙ୍କ ସେବାୟତଙ୍କ ସହିତ ଆଲୋଚନା କରି ରାଷ୍ଟ୍ରପତିଙ୍କ ଶୃଙ୍ଖଳିତ ଦର୍ଶନ ନେଇ ସମୀକ୍ଷା କରାଯାଇଥିଲା।

## ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

ସୁକିନ୍ଦା, ୨୯।୧(ସମିସ): ଚିକିତ୍ସା ଅବହେଳା କାରଣରୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ନିଷ୍ପାପ୍ ଶିଶୁ ପୁତ୍ରର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତ ଶିଶୁ ସୁକିନ୍ଦା ଥାନା ସାପୁଆପଦା ଗ୍ରାମ ମଟାଇ ଜାମୁଦାଙ୍କ ପୁତ୍ର। ଗତକାଲି ପରିବାର ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକୁ ପୋଲିଓ ଟିକା ଦେଇଥିଲେ। ଟିକା ଦିଆଯିବାର କିଛି ସମୟ ପରେ ଶିଶୁକୁ ପ୍ରବଳ ଜ୍ୱର ହୋଇଥିଲା ଏବଂ ରାତିରେ ଚେତାଶୂନ୍ୟ ହୋଇପଡ଼ିଥିଲା। ପରିବାର ଲୋକେ ଗୁରୁବାର ସକାଳୁ ଶିଶୁକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ତେବେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ଘଟିଥିବା ପିତା ମଟକା ଜାମୁଦା ଓ ମା' ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେମାନେ କହିଛନ୍ତି ଯେ, ଟିକା ନେବା ପରେ ଶିଶୁଟିର ସ୍ୱାସ୍ଥ୍ୟ ହଠାତ୍ ଅବନତି ଘଟିଥିଲା। ଏପଟେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜୟଦେବ ନନ୍ଦ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ଟିକା ଅନ୍ୟ ଶିଶୁମାନଙ୍କୁ ଦିଆଯାଉଥିବାବେଳେ ସେମାନେ ସୁସ୍ଥ ହେଉଛନ୍ତି। ତେବେ ଥାନାରେ ଅଭିଯୋଗ ପରେ ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

## ହନୁମାନ ମନ୍ଦିରର ପ୍ରତିଷ୍ଠା ଦିବସ

ବ୍ରହ୍ମବରଦା, ୨୯।୧(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଚାରିଗାରପୁର ଗ୍ରାମରେ ଥିବା ପ୍ରଭୁ ହନୁମାନ ମନ୍ଦିରର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ହନୁମାନଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଆଜି ସକାଳୁ ମୁଖ୍ୟ ପୂଜକ ମନୋଜ ଦାସ ପବିତ୍ର କୁମାର ପତି, ଶରତ ଚନ୍ଦ୍ର ପାଢ଼ୀ, ତପନ କୁମାର ପଣ୍ଡାଙ୍କ ମନ୍ତ୍ର ଧ୍ୱନିରେ ମୁଖ୍ୟ କର୍ତ୍ତା ରୂପେଶ ଦେଓ ଓ ତାଙ୍କ ସହଧର୍ମିଣୀ ବୈଶାଳୀନି ଦେଓଙ୍କ ସମେତ ଅନ୍ୟ କଳସଧାରୀଙ୍କ ମଧ୍ୟରେ ସ୍ମୃତି ରଞ୍ଜନ ରାଉତ, ସପନ ରାଉତ, ପ୍ରଶାନ୍ତ ବାରିକ, ଦିବ୍ୟ ରଞ୍ଜନ ରାଉତ, ପ୍ରଳୟ ରାଉତ, ମନୋରଞ୍ଜନ ରାଉତ, ଶୁଶାନ୍ତ କୁମାର ରାଉତ, ବିଶ୍ୱଜିତ୍ ରାଉତ, ବିକି ରାଉତ, ଶୁଭମ୍ ରାଉତ, ପ୍ରଭୁ ରାଉତ, ବାବୁଲ ପରିଡ଼ା, ରାକେଶ ରାଉତ ପ୍ରମୁଖ ଶନିବାର ଅପରାହ୍ଣରେ ବ୍ରାହ୍ମଣୀ ନଦୀରୁ ପାଣି ଉଠାଇ ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନ କରିଥିଲେ। ରବିବାର ସକାଳୁ ସୂର୍ଯ୍ୟ ପୂଜା, ଗୋପୂଜା, ହନୁମାନ ସହସ୍ର ନମା ଏବଂ ଦିନିକିଆ ଗୀତା ମହାଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ମା' ନିମେଶ୍ୱରୀ କୀର୍ତ୍ତନ ମଣ୍ଡଳୀର ସଭ୍ୟଙ୍କ ଭଜନ କୀର୍ତ୍ତନ ପରିବେଷଣ ଦ୍ୱାରା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଚଳଚିତ୍ର ନିର୍ମାତା ଜ୍ଞାନରଞ୍ଜନ ପ୍ରିୟଦର୍ଶନଙ୍କ ଶ୍ରାଦ୍ଧବାର୍ଷିକୀ

ଯାଜପୁର, ୨୯।୧(ସମିସ): ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ଜ୍ଞାନ ରଞ୍ଜନ ପ୍ରିୟଦର୍ଶନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ଯାଜପୁର ବ୍ଲକ ଗୋପାଳପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ଯୋଗଦେଇ ସ୍ମୃତି ଚାରଣ କରି ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳଚିତ୍ର କଳାକାର ହର ରଥ, ବରିଷ୍ଠ ସାମ୍ବାଦିକ ତରୁଣ ନନ୍ଦ, ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଜ୍ଞାନ ରଞ୍ଜନ ପ୍ରିୟଦର୍ଶନଙ୍କ ସ୍ମୃତି ଚାରଣ କରିଥିଲେ।

## ଜିଲ୍ଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ; ୫୦ ଛାତ୍ରଛାତ୍ରୀ ସାମିଲ

ଯାଜପୁର, ୨୯।୧(ସମିସ): ଯାଜପୁର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସେଣ୍ଟର ଫର୍ ଏନ୍‌ଭରମେଣ୍ଟାଲ ଷ୍ଟଡି ଓ ମେକର ଘାଟ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ତରଫରୁ ଜିଲ୍ଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୦ଟି ବ୍ଲକରୁ ୫୦ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ 'ପରିପୋଷଣୀୟ ଜୀବନ ଶୈଳୀ ବିକାଶ' ବିଷୟକୁ ଭିତ୍ତି କରି ଶକ୍ତି ସଂରକ୍ଷଣ, ଜଳ ସୁରକ୍ଷା, ପ୍ଲାଷ୍ଟିକର ବ୍ୟବହାର ନକରିବା, ଅଦରକାରୀ ପଦାର୍ଥର ପୁନଃ ବ୍ୟବହାର ଓ ଉତ୍ତମ ସ୍ୱାସ୍ଥ୍ୟ ଆଦି ବିଷୟରେ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ହାଇସ୍କୁଲ, ବରୀର ଛାତ୍ରୀ ପ୍ରିନ୍ସ ପ୍ରିୟା ସାମଲ ପ୍ରଥମ, ଓଏଭି, ଜାମଧରର ଛାତ୍ର ଆୟୁଷ୍ମାନ ରାଉତ, ଦ୍ୱିତୀୟ ଓ ମହାବିନାୟକ ବିଦ୍ୟାଳୟର ଛାତ୍ରୀ ସୋନାଲି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ସିଇଏସର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାସ, ମୁଖ୍ୟବକ୍ତା ରୂପେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ରୂପେ ମେକରଘାଟର ମ୍ୟାନେଜର କପିଳାସ ଅବଦାର, ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଯୋଗଦାନ କରିଥିଲେ। ବିଚାରକ ରୂପେ ଡ. ଶରତ କୁମାର ସାହୁ, ସୁଧାଂଶୁ ଶେଖର ରଥ, ନାରାୟଣ ଚନ୍ଦ୍ର ଶାସିନ ଏନ୍‌ଭରମେଣ୍ଟାଲ ଏଜୁକେସନ ପ୍ରୋଗ୍ରାମ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଅନ୍ୟ ବିଚାରକ ରୂପେ ଆଶୁତୋଷ ବଳ ଓ ଜୟନ୍ତ କୁମାର ସାମଲ ମେକରଘାଟ ଅନ୍ତର୍ଗତ ପ୍ରକଳ୍ପ ଗୁଡିକୁ ମୂଲ୍ୟାୟନ କରିଥିଲେ। ସଂସଦର ସମ୍ପାଦକ ବିଶ୍ୱଜିତ ସାହୁ ଯୋଗଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ସାହୁ ମଞ୍ଚ ସଞ୍ଚାଳନ କରିଥିଲା ବେଳେ ଶିବବ୍ରତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜି ସି କଲେଜର ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ନାରାୟଣ ଚନ୍ଦ୍ର ଶାସିନ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟନ୍ତ ସାମଲ ସମ୍ମାନିତ ଅତିଥି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଉକ୍ତ ବିଦ୍ୟାଳୟର ପ୍ରଧାଶିକ୍ଷକ ଉପସ୍ଥିତ ରହି କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ।




## ମାଆ ପରି ମା' ଥିଲେ ପ୍ରେମଲତା

ଧର୍ମଶାଳା, ୨୯।୧(ସମିସ): ସାମ୍ବାଦିକ, ସମାଜସେବୀ ଓ ସାହିତ୍ୟିକା ସ୍ୱର୍ଗୀୟା ପ୍ରେମଲତା ଜେନାଙ୍କ ପ୍ରଥମ ପୁଣ୍ୟତିଥି ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ କୁମାରୀ ଶୈଳବିହାରଠାରେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡକ୍ଟର ରୁଦ୍ରନାରାୟଣ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ କହିଥିଲେ ଯେ ପ୍ରେମଲତା ମାଆ ପରି ମା'ଟିଏ ଥିଲେ। ଏଥିରେ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ସ୍ୱର୍ଗୀୟା ପ୍ରେମଲତା ଜେନାଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ପ୍ରେମଲତା ଥିଲେ ମମତାମୟୀ, ଓଡ଼ିଆ ଘରର ଅନୁକରଣୀୟା ନିଚ୍ଛକ ଗୃହିଣୀ। ସମ୍ମାନିତ ଅତିଥି ଭାବେ କବି ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ରାଜକିଶୋର ପାଢ଼ୀ, ଡ. ଗୌତମ ଜେନା, ଡ. ରବୀନ୍ଦ୍ର ବିହାରୀ, ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁ, ଡାକ୍ତର ବିଜୟ କୁମାର ଶତପଥୀ, ଡ. ପ୍ରିୟନାଥ ମହାପାତ୍ର, ଡ. ମହେଶ୍ୱର ପାଢ଼ୀ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ସମାଜସେବ ସେବୀ ମିନତି ସାହୁ, ମାଧୁରୀ ଶତପଥୀ, ହୋଲି ଯେସସ ସ୍କୁଲ ଅଧ୍ୟକ୍ଷା କାମିନୀ ନାୟକ ଯୋଗଦେଇ ଗୋକର୍ଣ୍ଣିକା ପତ୍ରିକା ସହିତ ପ୍ରେମଲତାଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଦାୟବଦ୍ଧତା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି କହିଥିଲେ। ଶିଶୁ ସାହିତ୍ୟିକ ବିଦ୍ୟାଧର ସାହୁ, ପ୍ରେସ୍‌କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ପୂର୍ବତନ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ସମାଜସେବୀ କାହ୍ନୁଚରଣ ଦାଶ, ସଂଗ୍ରାମ ଜେନା, ଅଧ୍ୟାପକ ବିଜୟ କୁମାର ନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ସିଂହ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତ ରାୟ, ସରପଞ୍ଚ ତ୍ରିଲୋଚନ ଜେନା, ସୁନାକର ସାହୁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗୋକର୍ଣିକାର ମୁଖ୍ୟ ସମ୍ପାଦକ ଡ. ରମାକାନ୍ତ ଜେନା ସ୍ୱାଗତ ଭାଷଣ ଦେଇଥିଲାବେଳେ ପୁତ୍ର ଡ. ଅମୃତ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## କଳାକାର ଭତ୍ତା ପାଇଁ ଦାବିପତ୍ର ପ୍ରଦାନ



ଯାଜପୁର, ୨୯।୧(ସମିସ): କଳାକାର ଭତ୍ତା ପାଇଁ ଗୁରୁବାର କେତେକ କଳାକାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବରୀ ବ୍ଲକର ୨୦ରୁ ଊର୍ଦ୍ଧ୍ୱ କଳାକାର ଗତ ଡିସେମ୍ବର ମାସରେ କଳାକାର ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏଥିସହିତ ଦୁଇ ହଜାର ଟଙ୍କା କଳାକାର ଭତ୍ତା ପରିବର୍ତ୍ତେ ତିନି ହଜାର ଟଙ୍କାର କଳାକାର ଭତ୍ତା ପ୍ରଦାନ ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମାଧବ ଚନ୍ଦ୍ର ସେଠୀ, ଭିକାରୀ ଚରଣ ସାହୁ, ଜଟାଧାରୀ ମାଝୀ, ଚିତ୍ତରଞ୍ଜନ ମହାନ୍ତି, ପ୍ରମିଳା ପଣ୍ଡା, ନିରଞ୍ଜନ ଦାଶ, ସୀତାକାନ୍ତ ନାଥଶର୍ମା, ରବୀନ୍ଦ୍ର ବାରିକ ପ୍ରମୁଖ କଳାକାର ଉପସ୍ଥିତ ଥିଲେ।

● ଇଂରାଜୀ ବକ୍ତୃତା ପ୍ରତିଯୋଗିତା

## ଅନୁସ୍କା ଜିଲ୍ଲାରେ ପ୍ରଥମ



ଯାଜପୁର, ୨୯।୧(ସମିସ): ସନ୍ ପବ୍ଲିକ୍ ସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଅନୁସ୍କା ବିଶ୍ୱାଳ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟଇଂରାଜୀବକ୍ତୃତାପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଯାଜପୁର ଜିଲ୍ଲା ସଦର ମହକୁମାଠାରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଅତିଥି ତଥା ଜିଲ୍ଲାପାଳ ଅମ୍ବର କୁମାର କର ଓ ଏସ୍‌ପି ଯଶପ୍ରତାପ, ଶ୍ରୀମଲ୍ଙ୍କଠାରୁ ଅନୁସ୍କା ପ୍ରଥମ ପୁରସ୍କାର ଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲାରେ ଜଣେ ମେଧାବୀ ଛାତ୍ରୀ ଭାବେ ପୂର୍ବରୁ ସେ ଅନେକ ଥର ଏଭଳି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେ ହେଉଛନ୍ତି ଠିଆରଦେବିଲର ଶ୍ରୀମତୀ ଲୋପାମୁଦ୍ରା ନାୟକ ଓ ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସୁକାନ୍ତ ବିଶ୍ୱାଳଙ୍କ ଏକମାତ୍ର ସନ୍ତାନ।

## ଡାକ୍ତର ସୁରେଖା ଓଝାଙ୍କ ପରଲୋକ



ବରୀ, ୨୯।୧(ସମିସ): ବରୀ ଅଞ୍ଚଳର ବିଶିଷ୍ଟ ଡାକ୍ତର ସୁରେଖା ଓଝାଙ୍କର ଆଜି ସକାଳେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେଲା ପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବିଶିଷ୍ଟ ଶିକ୍ଷାବିତ, ସ୍ୱର୍ଗତ ପ୍ରଫେସର କୃଷ୍ଣଚନ୍ଦ୍ର ଓଝାଙ୍କୁ ସେ ବିବାହ କରିବା ପରେ ୧୯୭୦ ମସିହାରୁ ତାଙ୍କ ବରୀ ବାଗଦା ସ୍ଥିତ ବାସଭବନରେ ନାରୀ ମଙ୍ଗଳ ସେବା ସଦନ ନାମରେ ଘରୋଇ ଚିକିତ୍ସାଳୟ ସ୍ଥାପନ କରି ରୋଗୀ ସେବା ଆରମ୍ଭ କରିଥିଲେ। ଦେହାନ୍ତର ମାତ୍ର ଅଳ୍ପ କିଛି ଦିନ ପୂର୍ବରୁ ଅସୁସ୍ଥତା କାରଣରୁ ଚିକିତ୍ସା ସେବାରୁ ଅବ୍ୟାହତି ନେଇଥିଲେ। ଜଣେ ମହିଳା ଓ ଶିଶୁ ଚିକିତ୍ସକ ଭାବେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ବରୀ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ଦେହାନ୍ତରେ ତାଙ୍କ ପାରିବାରିକ ବନ୍ଧୁ ପୂର୍ବତନ ଅର୍ଥମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡାଇ, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗ୍ରାମ୍ୟ ସ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ସାନପୁଅ ଡାକ୍ତର ବିମଳେଶ ଓଝା ମୁଖାଗ୍ନି ଦେଇଥିଲେ।

**ମୋବାଇଲ ଉପଭୋକ୍ତା ଶୋଷଣର ଶିକାର**

# ବାଧ୍ୟବାଧକତାରେ ଦଣ୍ଡ ଗଣୁଛନ୍ତି ଗରିବ ଖଟିଖିଆ

ଯାଜପୁର, ୨୯।୧(ସମିସ)

ସାରା ଦେଶରେ ଡିଜିଟାଲ ଇଣ୍ଡିଆର ପ୍ରଚାର ଜୋରସୋରରେ ଚାଲିଛି। ସବୁ ସରକାରୀ ଓ ବେସରକାରୀ କାର୍ଯ୍ୟ ବିନା ଟେଲିଫୋନ କିମ୍ବା ଇଣ୍ଟରନେଟ ଅସମ୍ଭବ ହୋଇପଡ଼ିଛି। ଯେ କୌଣସି କାର୍ଯ୍ୟ କରିବା ପାଇଁ ହେଲେ ମୋବାଇଲର ଓଟିପି ଠାରୁ ଆରମ୍ଭ କରି ମେସେଜର ଆବଶ୍ୟକତା ପଡୁଛି। ଏଥିପାଇଁ ପ୍ରତ୍ୟେକ ଉପଭୋକ୍ତାଙ୍କ ପାଖରେ ମୋବାଇଲ ନମ୍ବର ରଖିବା ଏକପ୍ରକାର ବାଧ୍ୟତାମୂଳକ ହୋଇଯାଇଛି। ସାରା ଦେଶରେ ଆଉ ଲ୍ୟାଣ୍ଡଲାଇନ ପ୍ରାୟ ନଥିବା ବେଳେ ଏବେ ଉପଭୋକ୍ତା ମାନେ କେତେକ ହାତଗଣତି ଟେଲିକମ କମ୍ପାନୀର ମୋବାଇଲ ସେବା ଉପରେ ନିର୍ଭର କରୁଛନ୍ତି। ସାରା ଦେଶରେ ହାତ ଗଣତି ଟେଲିକମ କମ୍ପାନୀ ଥିବା ବେଳେ ଉପଭେକ୍ତାଙ୍କ ଆବଶ୍ୟକତାର ବାଧ୍ୟବାଧକତା ଦୃଷ୍ଟିରୁ କମ୍ପାନୀଗୁଡ଼ିକ ଉପଭୋକ୍ତାଙ୍କୁ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଆଜି ବି ଅନେକ ଲୋକ ଦୁଇ ମୁଠା ଖାଇବା ପାଇଁ ସଂଘର୍ଷ କରୁଥିବାବେଳେ ନିଜ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ କଥା ହେବା ପାଇଁ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟ କରୁଛନ୍ତି ଟେଲିକମ କମ୍ପାନୀ। ହାତଗଣତି କମ୍ପାନୀ ଥିଲେ ମଧ୍ୟ ସମସ୍ତେ ସାଧାରଣ ଜନତାଙ୍କୁ ଲୁଟିବାରେ ଲାଗିଛନ୍ତି। ଯେଉଁଠି ଗରିବ ଲୋକଟିଏ ଦିନକୁ ଦୁଇ ଓଳି ଖାଇବା ପାଇଁ ସଂଘର୍ଷ କରୁଛି ତାକୁ ପ୍ରତିଦିନ ମୋବାଇଲରେ କଥା ହେବା ପାଇଁ ୪ ଜି, ୫ ଜି ନାଁରେ ଅଧିକ ଅର୍ଥ ଦେବାକୁ ପଡୁଛି। ଯେଉଁ ସାଧାରଣ ଉପଭୋକ୍ତା କେବଳ ନିଜ ସମ୍ପର୍କୀୟଙ୍କ ସହିତ କି ପ୍ୟାଡ୍ ଫୋନରେ କଥା ହେଉଛି ସିଏ କାହିଁକି ଜଣେ ସ୍ମାର୍ଟ ଫୋନ ଉପଭୋକ୍ତା ଭଳି ଅଧିକ ଅର୍ଥ ଦେବ ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି। ଆଜିର ଦିନରେ କୌଣସି କମ୍ପାନୀ କେବଳ ଭଏସ୍ କଲ ପ୍ଲାନ ଆଉ ରଖିନାହାନ୍ତି। ଫଳରେ ବାଧ୍ୟ ହୋଇ ସାଧାରଣ ଫୋନ ଧରୁଥିବା ଉପଭୋକ୍ତା ସ୍ମାର୍ଟ ପ୍ୟାକ ବା ଇଣ୍ଟରନେଟ୍ ପ୍ୟାକ ପକାଇ ଆର୍ଥିକ କ୍ଷତି ସହୁଛନ୍ତି। ସେହିଭଳି ଯେଉଁ ଉପଭୋକ୍ତାଙ୍କ ପାଇଁ କେବଳ ଭଏସ୍ ପ୍ୟାକ ଦରକାର ସେହି ଉପଭୋକ୍ତାଙ୍କୁ କାହିଁକି ଏସ୍‌ଏମ୍‌ଏସ୍ ପ୍ୟାକ ଓ ଇଣ୍ଟରନେଟ ପ୍ୟାକ ପାଇଁ ଅର୍ଥ ଦେବେ ତାକୁ ନେଇ ଉଠିଛି ନାନା ପ୍ରଶ୍ନବାଚୀ। ଯେଉଁ ଉପଭୋକ୍ତାଙ୍କର କେବଳ ଇନକମିଂ କଲ ଆବଶ୍ୟକ ସିଏ କାହିଁକି ଆଉଟ୍‌ଗୋଇଙ୍ଗ, ଏସ୍‌ଏମ୍‌ଏସ୍, ଇଣ୍ଟରନେଟ ପ୍ୟାକ ପାଇଁ ଅଧିକ ପଇସା ଦେବ ବୋଲି ଦିନ ମଜୁରିଆ ଭାବେ କାମ କରୁଥିବା ଅନେକ ଉପଭୋକ୍ତା ପ୍ରଶ୍ନ କରିଛନ୍ତି। ଏପରି ସମସ୍ୟା ଖୋଦ ସରକାରୀ ବିଏସ୍‌ଏନ୍‌ଏଲ୍ ଉପଭୋକ୍ତାମାନେ ମଧ୍ୟ ଭୋଗୁଛନ୍ତି। ନିକଟ ଅତିତରେ ଟେଲିକମ ରେଗୁଲେଟୋରି ଅର୍ଥରିଟି ଅଫ ଇଣ୍ଡିଆ (ଟ୍ରାଇ) ଏ ସଂକ୍ରାନ୍ତରେ ପ୍ରତ୍ୟେକ ଟେଲିକମ କମ୍ପାନୀକୁ ଅଳ୍ପ ମୂଲ୍ୟର ପ୍ୟାକ କରିବାକୁ ନିର୍ଦ୍ଦେଶ ନାମା ଜାରି କରିଥିଲା। କିନ୍ତୁ କୌଣସି କମ୍ପାନୀ ଏହାକୁ କାର୍ଯ୍ୟକାରୀ କରୁନାହାଁନ୍ତି। ଫଳରେ ପ୍ରତିଦିନ କୋଟି କୋଟି ଉପଭୋକ୍ତାଙ୍କୁ ଟେଲିକମ କମ୍ପାନୀ ଶୋଷଣ କରୁଛନ୍ତି। ସେହିପରି ପ୍ରତ୍ୟେକ ମାସିକ ରିଚାର୍ଜର ଅବଧି ୩୦ ଦିନ ରହିବା କଥା କିନ୍ତୁ ଏହାକୁ ଟେଲିକମ କମ୍ପାନୀଗୁଡ଼ିକ ୨୮, ୨୧ ଦିନ କରିସାରିଲେଣି। ଫଳରେ ଉପଭୋକ୍ତାମାନେ ବର୍ଷକୁ ୧୨ ଥର ବଦଳରେ ୧୩, ୧୪ ଥର ରିଚାର୍ଜ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଟ୍ରାଇ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।




## ଜାତୀୟ ଉଚ୍ଚ ବିଦ୍ୟାଳୟ ରଗ୍‌ବୀ ପାଇଁ ୨ ଖେଳାଳି ମନୋନୀତ

ଦଶରଥପୁର, ୨୯।୧(ସମିସ): ଦିଲ୍ଲୀସ୍ଥିତ ତ୍ୟାଗରାଜ ସ୍ପୋର୍ଟସ କମ୍ପ୍ଲେକ୍ସ ଷ୍ଟାଡିୟମରେ ୩୦ ତାରିଖ ଠାରୁ ଆରମ୍ଭ ହେଉଥିବା ଜାତୀୟ ଉଚ୍ଚ ବିଦ୍ୟାଳୟ ରଗ୍‌ବୀ ଫୁଟବଲ ଚାମ୍ପିଅନ୍‌ସିପ୍ ପାଇଁ ଓଡ଼ିଶା ଉଚ୍ଚ ବିଦ୍ୟାଳୟ ଶିକ୍ଷା ବିଭାଗ ଦଳରେ ଯାଜପୁର ଜିଲ୍ଲାର ଦଶରଥପୁରର କୈଳାସ ସାହୁଙ୍କ ପୁଅ ସାଇ ସତ୍ୟବ୍ରତ ସାହୁ ଓ ଓଡ଼େଇ ଗାଁର ବାବୁଲି ସାହୁଙ୍କ ପୁଅ ଶୁଭଜିତ୍ ମହାପାତ୍ର ସ୍ଥାନ ପାଇଛନ୍ତି। ଦୁଇଜଣ ଦଶରଥପୁର ଉଚ୍ଚତର ବିଦ୍ୟାଳୟର ଛାତ୍ର। ତାଙ୍କର ଏହି ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ୍ ଟୁଡୁ, ଦଶରଥପୁର ଉଚ୍ଚତର ବିଦ୍ୟାଳୟର ଅଧ୍ୟକ୍ଷ କାହ୍ନୁଚରଣ ମିଶ୍ର। ଜିଲ୍ଲା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ସାହୁ ଓ ତାଙ୍କ କୋଚ୍ ବିଶାଳ ଚୌଧୁରୀଙ୍କ ସମେତ ବହୁ କ୍ରୀଡାବିତ୍ ଶୁଭେଚ୍ଛା ଜଣାଇଛନ୍ତି।



## ଧୋୟାଞ୍ଚଳ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପେକ୍ଷା

# ସହାୟତା ରାଶିରୁ ବଞ୍ଚିତ ହେବେ ହଜାର ହଜାର ଚାଷୀ !

ଭଦ୍ରକ/ଆରଡ଼ି, ୨୯।୧(ସମିସ)



ଭଦ୍ରକ ଜିଲ୍ଲାର ଧୋୟାଞ୍ଚଳ ଭାବେ ପରିଚିତ ଚାନ୍ଦବାଲି ବ୍ଲକର ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ ୪ଟି ପଞ୍ଚାୟତର ୨୨ଟି ଗାଁ। ଉକ୍ତ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀରେ ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଆସିଥିବା ଛୋଟବଡ଼ ୬/୭ଟି ନଈ ବଢ଼ିରେ ହଜାର ହଜାର ଚାଷୀଙ୍କର ଶହଶହ ଏକର ସାରଦ ଧାନତଳି ଓ ଗଜା ଧାନ ପଚିସଢ଼ି ଯାଇଥିଲା। ନଦୀର ବନ୍ୟା ପରିସ୍ଥିତି ଏପରି ଥିଲା, ଯାହାକି ନଦୀ-ପଥ-କ୍ଷେତ ଏକାକାର ହୋଇଯିବା ସହ ମାସ ମାସ ଧରି ଚାଷଜମିରେ ବନ୍ୟା ପାଣି ଜମି ରହିଥିଲା। ଯାହାଫଳରେ ଚାଷ ପ୍ରାରମ୍ଭରୁ ଚାଷୀମାନେ ବ୍ଲକରୁ ଆଣିଥିବା ବିହନ ଧାନ ଓ ସାଇତି ଥିବା ବିହନ ଧାନ ଶହଶହ ଏକର ଚାଷ ଜମିରେ ଧାନତଳି ସହ ଗଜା ହୋଇଥିବା ବିହନ ଧାନ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଏପରିକି ବନ୍ୟା ସମୟରେ ଓ ବନ୍ୟା ଛାଡ଼ିବା ପରେ ଭଦ୍ରକ ଜିଲ୍ଲାପାଳଙ୍କ ସହ ବ୍ଲକ ପ୍ରଶାସନ ଓ କୃଷି ଅଧିକାରୀ ମିଳିତ ଭାବେ ବନ୍ୟାଞ୍ଚଳ ସ୍ଥିତି ପରଖିବା ସହ କ୍ଷତିଗ୍ରସ୍ତ ଚାଷଜମିର କ୍ଷେତ୍ରୀୟ ଅନୁଧ୍ୟାନ କରି ଜାଣିବାକୁ ପାଇଥିଲେ କି ଏହି ଦୋରା ଅଞ୍ଚଳରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଚାଷଜମି ବନ୍ୟାରେ ଧୋଇଯାଇଛି। ତାହା ସହ ଚାଷୀମାନଙ୍କୁ ଭେଟି ଧୋଇଯାଇଥିବା ଚାଷର କ୍ଷତିପୂରଣ ୧ମାସ ମଧ୍ୟରେ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ କୃଷି ବିଭାଗ ଓ ଆରଡ଼ି ଆର୍‌ଆଇଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କର ସମସ୍ତ ଦସ୍ତାବିଜ୍ ଗ୍ରହଣ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ନିମନ୍ତେ ତହସିଲ୍ ଦପ୍ତରକୁ ପଠାଇଥିଲେ। ଧୋୟାଞ୍ଚଳର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୩ ମାସ ମଧ୍ୟରେ କ୍ଷତିପୂରଣ ସହାୟତା ରାଶି ଯୋଗାଇଦେବା ପାଇଁ ୨କୋଟି ୬୯ ଲକ୍ଷ ୨୮ ହଜାର ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ହେଲେ ଜିଲ୍ଲା ପ୍ରଶାସନ ଓ ତହସିଲ୍‌ଦାରଙ୍କ ଟାଳଟୁଳ ନୀତି ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନେ ସହାୟତା ରାଶିକୁ ଅନାଇ ବସି ରହିଛନ୍ତି।

ଏପଟେ ପୁନର୍ବାର କ୍ଷେତ୍ରୀୟ ଅନୁଧ୍ୟାନ କରାଯାଇ ଜିଲ୍ଲା ପ୍ରଶାସନ, ତହସିଲ୍‌ଦାର ଓ କୃଷି ବିଭାଗୀୟ ଅଧିକାରୀ ୪ ପଞ୍ଚାୟତରେ ଗତ ବନ୍ୟାରେ ଧୋଇ ଯାଇଥିବା ଚାଷ ୩୩ ପ୍ରତିଶତରୁ କମ୍ ବୋଲି ଦର୍ଶାଯାଇଛି। ଫଳରେ ଚାଷୀମାନଙ୍କୁ କ୍ଷୟକ୍ଷତିର କୌଣସି ସହାୟତା ମିଳିବ ନାହିଁ ବୋଲି ଏକ ସରକାରୀ ଦସ୍ତାବିଜ୍ ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ବୁଧବାର ୪ ପଞ୍ଚାୟତର ଶତାଧିକ କ୍ଷତିଗ୍ରସ୍ତ ଚାଷୀ ଚାନ୍ଦବାଲି ତହସିଲ୍‌ଦାରଙ୍କୁ ଭେଟି ସହାୟତା ରାଶି କେବେ ମିଳିବ ପଚାରିବାରୁ ସମାନ କଥା ଶୁଣିବାକୁ ପାଇଥିଲେ କି ଏହି ଧୋୟାଞ୍ଚଳରେ ସେପରି କିଛି କ୍ଷତି ହୋଇନାହିଁ। ଯାହାକିଛି ହୋଇଥିଲା ତାହା ସ୍ୱଳ୍ପ। ତେଣୁ ସହାୟତା ରାଶି କୌଣସି ଚାଷୀଙ୍କୁ ଆଉ ମିଳିବ ନାହିଁ ବୋଲି ସିଧାସିଧା ଭାବେ ମନା କରିଥିଲେ ତହସିଲ୍‌ଦାର ଭବତୋଷ ମଲ୍ଲିକ। ଏପଟେ ଧୋୟାଞ୍ଚଳର ହଜାର ହଜାର ଚାଷୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ପ୍ରଥମେ ଧୋଇ ଯାଇଥିବା

### ଫେରିଯିବ ୨.୬୮ କୋଟି ଟଙ୍କା

ଧାନ କ୍ଷେତର ସହାୟତା ରାଶି ଆସିଲା, ପୁଣି ମିଳିଲା ବେଳକୁ ରାଶି ଫେରେଇ ନିଆଗଲା। ରାଜ୍ୟ ସରକାର ଚାଷୀମାନଙ୍କୁ ସମସ୍ତ ସହାୟତା ରାଶି ଯୋଗାଇଦେବାକୁ ଆଗଭର ଥିବାବେଳେ ଭଦ୍ରକ ଜିଲ୍ଲା ପ୍ରଶାସନ ମନମୁଖି ଭାବେ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ସହାୟତା ରାଶିକୁ ଫେରାଇ ନେବାକୁ ବସିଛି ବୋଲି ଚାଷୀ ଗୋଲେଇ ଦାସ, ବେଣୁଧର ସାହାଣୀ, କାର୍ତ୍ତିକ ଜେନା, ମଣ୍ଟୁ ବିଶ୍ୱାଳଙ୍କ ସହ ଶହଶହ ଚାଷୀ କହିଛନ୍ତି। ଆଗାମୀ ଦିନରେ ଯଦି ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ନ ମିଳେ ତାହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

**ବାରିକପୁର, ୨୯।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନପଙ୍ଗ ଚଣ୍ଡିମାତା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ସହିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସାନ୍ତନୁ କୁମାର ଧଳଙ୍କ ଅଧ୍ୟକ୍ଷତା ଏବଂ ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ପ୍ରତିଭାଧାରୀ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁଭାଷିନୀ ନାୟକ, ପ୍ରଧାନଶିକ୍ଷକ ଦେବଦତ୍ତ ଜେନା, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ରାଧେଶ୍ୟାମ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାନେତ୍ରୀ ପ୍ରଭାତୀ ସାମଲ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଧୀରେନ୍ଦ୍ର ନାୟକ, ଗଙ୍ଗାଧର ସାମଲ, ଶିକ୍ଷାବିତ୍ ପ୍ରୀତିକାନ୍ତ ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମୋନାଲିସା ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚମ୍ପାବତି ନାୟକ ଧନ୍ୟବାଦ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ଭାଗବତ ମହାନ୍ତି, କଲ୍ୟାଣ କୁମାର ସ୍ୱାଇଁ, ସରୋଜ ନାୟକ, ସୋମିତି ସାମଲ, ପ୍ରଭାତ ରଞ୍ଜନ ପଣ୍ଡା, ସୁଧାକର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ ଓ ଶିକ୍ଷକ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨୯।୧(ସମିସ):** ମଞ୍ଜୁରୀରୋଡ୍ ନାଆମୀ ପଞ୍ଚାୟତ ଅନ୍ତର୍ଗତ ଶଙ୍ଖୁଳା କଳ୍ପତରୁ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା କଳ୍ପତରୁ ନାୟକଙ୍କ ତ୍ରୟୋଦଶତମ ଶ୍ରାଦ୍ଧ ଓ ଶିକ୍ଷକ ସମ୍ମାନ ଉତ୍ସବ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ପରିଡ଼ା ମୁଖ୍ୟଅତିଥି, ଜଗନ୍ନାଥ ପାତ୍ର ମୁଖ୍ୟବକ୍ତା, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ମୋହନ ମହାନ୍ତି, ହରିଶ୍ଚନ୍ଦ୍ର ଜେନା, ଭାସ୍କର ଚନ୍ଦ୍ର ଜେନା, ଦିବାକର ନାୟକ, ପୂର୍ବତନ ସରପଞ୍ଚ ସଦାଶିବ ଦାସ, ସାତଶୋଳା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା କୁସୁମଲତା ମହାପାତ୍ର, ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ଭୂୟାଁ, ଆନନ୍ଦ ଚନ୍ଦ୍ର ପାଢ଼ୀ, କୈଳାସ ଚନ୍ଦ୍ର ସାମଲ ଓ ଲୋକନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶକୁନ୍ତଳା ଲେଙ୍କାଙ୍କ ସ୍ମୃତିରେ ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଓ ଆଖୁଆପଦା ସରକାରୀ ଉପ୍ରା ବିଦ୍ୟାଳୟ ଶିକ୍ଷକ ଧନେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପିନାଥ ନାୟକ ସ୍ୱାଗତ ଭାଷଣ, ରାଜଶ୍ରୀ ନାୟକ ଅତିଥି ପରିଚୟ ଓ ବବିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବାରିକପୁର, ୨୯।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାସ୍ଥିତ ବିଦ୍ୟାନିକେତନ ଇଣ୍ଟରନ୍ୟାସନାଲ ସ୍କୁଲଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସତ୍ୟଭାମା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଡାକ୍ତର ଶୁଭ୍ରଜିତ୍ ପରିଡ଼ା ଓ ମଣ୍ଟୁ ପାତ୍ର ଯୋଗଦେଇଥିଲେ। ବିଶେଷ କରି ଦାନ୍ତ, ଆଖି ଓ ଶିଶୁରୋଗ ବିଷୟରେ ଡାକ୍ତରମାନେ ପରୀକ୍ଷାନିରୀକ୍ଷା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ଶତପଥୀ, କୈଳାସ ଚନ୍ଦ୍ର ଜେନା, ପ୍ରଦୀପ ସାହୁ, ଶିକ୍ଷୟିତ୍ରୀ ଏଲିନା ନାୟକ, ଗାୟତ୍ରୀ ମିଶ୍ର, ଶର୍ମିଷ୍ଠା ପରିଡ଼ା, ସତ୍ୟସନ୍ଧ୍ୟା ଜେନା, ନୟନି ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ଜାତୀୟ ହ୍ୟାଣ୍ଡବଲ୍ ଖେଳାଳି ସମ୍ବର୍ଦ୍ଧିତ



**ଭଦ୍ରକ, ୨୯।୧(ସମିସ):** ହ୍ୟାଣ୍ଡବଲ୍ କ୍ରୀଡ଼ାରେ ଜାତୀୟସ୍ତରର ଖେଳାଳିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକ ବାଗୁରାଇସ୍ଥିତ ପିଏମ୍‌ଶ୍ରୀ ବିନ୍ଦୁ ମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟାଂଶୁ ସିଂଙ୍କୁ ବିଦ୍ୟାଳୟରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଏବଂ କ୍ରୀଡ଼ା ଶିକ୍ଷକ ତପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର, ଭାଷା ସାହିତ୍ୟ ସଂସ୍କୃତି ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଦିବ୍ୟାଂଶୁ ୭ମ ଶ୍ରେଣୀର ଛାତ୍ର। ସେ ରାଜସ୍ଥାନରେ ଅନୁଷ୍ଠିତ ଜାତୀୟସ୍ତରର ହ୍ୟାଣ୍ଡବଲ୍ କ୍ରୀଡ଼ା ରେ ଭାଗ ନେଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି।

## ମହିଳା ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ

**ଭଦ୍ରକ, ୨୯।୧(ସମିସ):** ସମାଜସେବା ମାଧବ ସେବାକୁ ବ୍ରତ ଭାବି ଭଦ୍ରକର ଏକ ଅଗ୍ରଣୀ ମହିଳା ସଂଗଠନ 'ନନ୍ଦିନୀ' ତରଫରୁ ଭଦ୍ରକର ଆଖଣ୍ଡଳମଣି ଛକସ୍ଥିତ ଦିବ୍ୟାଲୋକ ନାମକ ଅନ୍ଧ, ମୁକ ଓ ବଧିର ଆଶ୍ରମରେ ବୁଧବାର କମ୍ବଳ ବଣ୍ଟନ କରାଯାଇଛି। ସଂଗଠନର ମାର୍ଗଦର୍ଶକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ନେତୃତ୍ୱରେ ସଭାପତି ସରୋଜିନୀ ନାୟକ, ଉପସଭାପତି ଶାନ୍ତିଲତା ବାରିକ, ଗୀତାଞ୍ଜଳି ଅଗସ୍ତି, ସମ୍ପାଦକ ସଂଯୁକ୍ତା ଯାଦବଙ୍କ ନେତୃତ୍ୱରେ ପ୍ରାୟ ୧୫ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ ସହ ଖାଦ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦିକା ନିରୁପମା ଦାଶ, ଗାୟତ୍ରୀ ସେଠୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ତୃପ୍ତି ଦାସ ଓ ଉପଦେଷ୍ଟା ପ୍ରବୋଧ ଅଗସ୍ତିଙ୍କ ଉପସ୍ଥିତିରେ ଏହି ବଣ୍ଟନ ହୋଇଥିଲା।

## ଭେଙ୍କେଟେଶ୍ୱର ସ୍କୁଲର ବାର୍ଷିକ ଉତ୍ସବ




**ଭଦ୍ରକ, ୨୯।୧(ସମିସ):** ଚାନ୍ଦବାଲି ଭେଙ୍କେଟେଶ୍ୱର ସ୍କୁଲର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ୍ ସୁଧୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଏସ୍.ଏନ୍. କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଶିକ୍ଷାବିତ୍ ଗୋପାଳ ପ୍ରସାଦ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ ଏକାଗ୍ରତା ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ମତ ପ୍ରକାଶ କରିବା ସହିତ ଶିକ୍ଷା ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସ୍କୁଲର ଅଧ୍ୟକ୍ଷ ସେକ୍ ମହମ୍ମଦ ଏର୍ସାଦ୍ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଛାତ୍ରୀ ହର୍ଷିତା ରେଡ୍ଡି ଓ ଛାତ୍ର ପ୍ରିତମ୍ ପ୍ରିୟଦର୍ଶନ ସଭା ସଞ୍ଚାଳନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଏବଂ ଶିକ୍ଷୟିତ୍ରୀ ଇତିଶ୍ରୀ ଦାଶ ଧନ୍ୟବାଦ ଦେଇଥିଲେ। ଏହାପରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଦର୍ଶକଙ୍କୁ ହସର ଖୋରାକ୍ ଯୋଗାଇଥିବାବେଳେ ମନମୋହିଥିଲା ଶିବତାଣ୍ଡବ ନୃତ୍ୟ। ସ୍କୁଲ ନିର୍ଦ୍ଦେଶକ ବ୍ରଜକିଶୋର ପଣ୍ଡା, ଲଳିତ ମୋହନ ମହାନ୍ତି, ଅତିଥି ଅଧ୍ୟାପକ ସୁବାସ ନାୟକ, ଧନେଶ୍ୱର ବାରିକ ଓ ଅମର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ଶିକ୍ଷୟିତ୍ରୀ ଅଭିଲିପ୍ସା ବଳ, ସ୍ନିଗ୍ଧା ଦାସ, ସୁପ୍ରୀତି ନାୟକ, ପୁଷ୍ପା ଦାସ, ଉପାସନା ସେନ୍, ଶ୍ରଦ୍ଧାଞ୍ଜଳି ନାୟକ, ଉର୍ମିଳା ଦଳାଇ, ସନ୍ଧ୍ୟା ସାହୁ, ସୌମିତ୍ରୀ ମୁଦୁଲି, ଦିବ୍ୟଦିଶା ଦାସ, ଅର୍ଚ୍ଚନା ସାହୁ, ସ୍ମୃତି ମାଝୀ, ଶୁଚିସ୍ମିତା ପାତ୍ର, ମିନତୀ ସାହୁ, ସିପ୍ରା ନାୟକ, ଶିକ୍ଷକ ରାଜେନ୍ଦ୍ର ପାତ୍ରଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷାକର୍ମୀ ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ମନମୋହିଲା ଶିବତାଣ୍ଡବ**

## ଜୁନିୟର ରେଡ୍‌କ୍ରସ କ୍ୟାମ୍ପ ଉଦ୍‌ଘାଟିତ




**ଭଦ୍ରକ, ୨୯।୧(ସମିସ):** ୩୦ତମ ଭଦ୍ରକ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଭଦ୍ରକ ଚରମ୍ପାସ୍ଥିତ ଆର୍‌ସିବିଏଲ୍ ହାଇସ୍କୁଲରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିୟର ରେଡ୍‌କ୍ରସର ଅଧ୍ୟକ୍ଷ ଡ. ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବରେ ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲ୍‌ମକ୍କି ଦଲୱାଜି ହବିବ୍, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଡ. ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, କଟକ ଜିଲ୍ଲାର ପୂର୍ବତନ ଜୁନିୟର ରେଡ୍‌କ୍ରସ ଅଧିକାରୀ ମିହିର କୁମାର ପରିଡ଼ା ଯୋଗଦେଇ ଜୁନିୟର ରେଡ୍‌କ୍ରସର ଲକ୍ଷ୍ୟ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ, ଆର୍‌ସିବିଏଲ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ମାଝୀ ସ୍ୱାଗତ ଭାଷଣ, ଭଦ୍ରକ ଜିଲ୍ଲା ଜୁନିୟର ରେଡ୍‌କ୍ରସ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଜୁନିୟର ରେଡ୍‌କ୍ରସର ଯୁଗ୍ମ ସମ୍ପାଦକ ଭୀମ ଚରଣ ପରିଡ଼ା ଓ ଲିପିରେଖା ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ଭାଗବତ ସୂତାର, ହେମନ୍ତ ସୂତାର, ଦିପ୍ତୀମୟୀ ସାହୁ, ରାଜକିଶୋର ଚୌଧୁରୀ, ଶଶୀଶେଖର କରଶର୍ମା, ତରଣୀସେନ ଜେନା ରେଡ୍‌କ୍ରସର ଇତିହାସ ଓ ୭ଟି ନିୟମ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ୩ ଦିନ ଧରି ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମରେ ୪୮୨ ଜଣ ଛାତ୍ରଛାତ୍ରୀ ଓ ୧୯୩ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି କ୍ୟାମ୍ପରେ ରେଡ୍‌କ୍ରସ ଇତିହାସ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା, ରକ୍ତଦାନ, ପ୍ରାଥମିକ ଉପଚାର ଇତ୍ୟାଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ଶିବିରରେ ୭ଟି ବ୍ଲକର ସଂଯୋଜକ ମହେଶ୍ୱର ରାଉତ, ଲିଜା ଦାସ, ଦେବାଶିଷ ଆଚାର୍ଯ୍ୟ, ସୁଶାନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ମଲ୍ଲିକ, ଲିଲିରାଣୀ ନାୟକ, ଧର୍ମେନ୍ଦ୍ର ବେହେରା କ୍ୟାମ୍ପ ପରିଚାଳନା କରିଥିଲେ। ସମରେନ୍ଦ୍ର ମିଶ୍ର, ପ୍ରଦିପ ମହାପାତ୍ର, ମାନସ ମିଶ୍ର, ଅକ୍ଷୟ ସେଠୀ, ଜିତେନ୍ଦ୍ର ନାୟକ, ଶାନ୍ତିଲତା ପଣ୍ଡା, ରୁବିନା ଖାତୁନ, ମୋନାଲିସା ସାହୁ, ବିଣାପାଣୀ ପଣ୍ଡା, ସ୍ମିତା ସୁଚରିତା ମଲିକ ସହଯୋଗ କରିଥିଲେ। ବିଚାରକ ଭାବରେ ଜିତେନ୍ଦ୍ର ସିଂ, ଦିପ୍ତୀମୟୀ ସାହୁ, ବସନ୍ତ ଲେଙ୍କା, ନୃସିଂହ ସାହୁ ଯୋଗଦେଇଥିଲେ।

## ଶତାୟୁ ମହିଳାଙ୍କ ପରଲୋକ



**ଭଦ୍ରକ, ୨୯।୧(ସମିସ):** ଭଦ୍ରକ ସହର ୩୦ ନମ୍ବର ୱାର୍ଡ ଅଧୀନ ବାଲିପାଟଣା ଅଞ୍ଚଳର ପ୍ରାକ୍ତନ ପାରିଷଦ, ଜଣାଶୁଣା ସମାଜସେବୀ ସୁଧାକର ରାଉତଙ୍କ ମାଆ ଶତାୟୁ ମହିଳା ସାବିତ୍ରୀ ରାଉତଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ଜଣେ ଧର୍ମପ୍ରାଣା, ପରୋପକାରୀ ଓ ସ୍ୱାଭିମାନୀ ମହିଳା ଭାବେ ପରିଚିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ବାଲିପାଟଣାସ୍ଥିତ ବାସଭବନକୁ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସମାଜସେବୀ ଡ. ପ୍ରଦୀପ ନାୟକ, ଭଦ୍ରକ ପୌରାଧ୍ୟକ୍ଷ ଗୁଲ୍‌ମକୀ ଦଲାୱାଜି ହବିବି, ଟାଉନ୍ କଂଗ୍ରେସ ସଭାପତି ଅବ୍‌ଦୁଲ ମୁକିତ ଖାଁ, ସଦାବ୍ରତ ମଠ ମ୍ୟାନେଜର ସୂର୍ଯ୍ୟମଣି ନାୟକ, ସ୍ଥାନୀୟ କାଉନ୍‌ସିଲର ପ୍ରତିନିଧି ପ୍ରଭାତ ମାଝୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ବାସଭବନ ପରିସରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ସୁଧାକର ରାଉତ ମୁଖାଗ୍ନି ଦେଇଥିଲେ।

### ଏପ୍ରିଲ ମାସରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି

## ୪୦ ଦିନ ପରେ ଆଶାକର୍ମୀଙ୍କ ଆନ୍ଦୋଳନ ପ୍ରତ୍ୟାହାର



**ଭଣ୍ଡାରିପୋଖରୀ, ୨୯।୧(ସମିସ):** ଗତ ଡିସେମ୍ବର ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଶାକର୍ମୀମାନଙ୍କ ଆନ୍ଦୋଳନ ୪୦ ଦିନ ପରେ ଗୁରୁବାର ପ୍ରତ୍ୟାହୃତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଜୟନ୍ତ ପଣ୍ଡା, କନକଲତା ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବନବିହାରୀ ମିଶ୍ର, ଆଶାକର୍ମୀ ସଂଯୋଜିକା କଳ୍ପନା ସାମଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସରୋଜ ରାଉଳ ଆନ୍ଦୋଳନରତ ଆଶାକର୍ମୀଙ୍କୁ ଆସନ୍ତା ଏପ୍ରିଲ ମାସରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଗତ ଡିସେମ୍ବର ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଆଶାକର୍ମୀଙ୍କ ସାମୂହିକ କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ



**ଭଦ୍ରକ, ୨୯।୧(ସମିସ):** ଦ୍ୱିଦିବସବ୍ୟାପୀ ପିଏମ୍‌ଶ୍ରୀ ଜିଲ୍ଲାସ୍ତରୀୟ ଉତ୍ସବ ୨୦୨୫-୨୬ ପିଏମ୍‌ଶ୍ରୀ ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ଭଦ୍ରକ ଜିଲ୍ଲାର ୧୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ୫୦୦ରୁ ଅଧିକ ଛାତ୍ରଛାତ୍ରୀ, ସେମାନଙ୍କ ଗାଇଡ୍ ଶିକ୍ଷକଶିକ୍ଷୟିତ୍ରୀ ଏବଂ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇ ନୂତନ ଶିକ୍ଷାନୀତି ଆଧାରରେ ଏକ ଆମୋଦଦାୟକ, ଉତ୍କର୍ଷତାପୂର୍ଣ୍ଣ ଶିକ୍ଷାଦାନ ଆଧାରରେ ଭିଜନ ୨୦୩୬ ଏବଂ ଭିଜନ ୨୦୪୭ର ସାକାରତା ପ୍ରତିପାଦନ କରିଥିଲେ। ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ନୂତନ ଶିକ୍ଷାନୀତିର ମୂଳ ଲକ୍ଷ୍ୟ ଉତ୍କର୍ଷତା ଓ ଆଗ୍ରହପୂର୍ଣ୍ଣ ଶିକ୍ଷା ମାଧ୍ୟମରେ ନିଜର ପରିଚୟ ପ୍ରତିପାଦନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ବରେଣ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଶିକ୍ଷା ମାଧ୍ୟମରେ ପିଲାମାନେ ପ୍ୟାସନ୍ ସହିତ ପ୍ରଫେସନର ସଂଯୋଗ ଘଟାଇ ନିଜକୁ ସଫଳ ବ୍ୟକ୍ତିରେ ପରିଣତ ହୋଇପାରିବା କଥା ପିଲାମାନଙ୍କୁ କହିଥିଲେ। ଉତ୍ସବର ସଭାପତି, ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ପିଏମ୍‌ଶ୍ରୀ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଡିଏସ୍‌ଡିଓ ଡିଇଓ ଅନିତା ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ତୃପ୍ତିମୟୀ ପାତ୍ର, ଏନ୍‌ସି ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ବନ୍ତ ବିଇଓ ସୁକୀର୍ତ୍ତି କର, ଭଦ୍ରକ ବିଇଓ ଚକ୍ରଧର ମଲ୍ଲିକ ଯୋଗଦେଇଥିଲେ। ପିଏମ୍‌ଶ୍ରୀ ବିନ୍ଦୁମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିବାବେଳେ ୧୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ସହଯୋଗ କରିଥିଲେ। ପିଏମ୍‌ଶ୍ରୀ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମ ଚରଣ ପରିଡ଼ା ଓ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ସାହୁ ସହଯୋଗ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକ ବଦଳି ପ୍ରତିବାଦରେ ବିକ୍ଷୋଭ

## ବିଇଓଙ୍କ କୁଶପୁତ୍ତଳିକା ଦାହକଲା ଯୁବ ବିଜେଡି

ଭଦ୍ରକ, ୨୯।୧(ସମିସ)



ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ନାହାନ୍ତି ଆବଶ୍ୟକୀୟ ଶିକ୍ଷକ। କେଉଁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଖାଲି ତ କେଉଁଠି ସହକାରୀ ଶିକ୍ଷକ ପଦ ଖାଲି। ଆଉ ମଧ୍ୟ କିଛି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ନାହାନ୍ତି ଆବଶ୍ୟକୀୟ ଶିକ୍ଷକଶିକ୍ଷୟିତ୍ରୀ। ଫଳରେ ଶିକ୍ଷାଦାନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଏପରି ସମୟରେ ଚାନ୍ଦବାଲି ବ୍ଲକରୁ ୧୪ ଜଣ ଶିକ୍ଷକଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ଶିକ୍ଷକମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ବ୍ଲକ ଶିକ୍ଷାଧିକାରୀ ଅନ୍ୟ ବ୍ଲକକୁ ବଦଳି କରୁଥିବା ଅଭିଯୋଗ ହେଉଛି। ପୂର୍ବ ସରକାରଙ୍କ ସମୟରେ ଜଣେ ହେଲେ ଶିକ୍ଷକକୁ ବାହାର ବ୍ଲକକୁ ଛଡ଼ାଯାଉ ନ ଥିବାବେଳେ, ବର୍ତ୍ତମାନର ସରକାର ଶିକ୍ଷକ ବଦଳି କରି ଚାନ୍ଦବାଲିର ଶିକ୍ଷା ବ୍ୟବସ୍ଥାକୁ ଅନ୍ଧାର ଭିତରକୁ ଠେଲି ଦେଇଛନ୍ତି ବୋଲି ଅଭିଯୋଗ କରି ଯୁବ ବିଜେଡି ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବ୍ଲକ ଶିକ୍ଷାଧିକାରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସେହିଭଳି ତୁରନ୍ତ ଶିକ୍ଷକ ବଦଳି ବାତିଲ୍ କରିବାକୁ ଦାବି କରିଛି ଯୁବ ବିଜେଡି। ଅନ୍ୟପକ୍ଷେ ଶିକ୍ଷକ ବଦଳିରେ ମୋର କୌଣସି ଭୂମିକା ନାହିଁ, ଯାହା କରିଛି ଜିଲ୍ଲା କମିଟି କରିଛି ବୋଲି ମତ ରଖିଛନ୍ତି ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜା। ଏହି ବିକ୍ଷୋଭରେ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଯୁବନେତା ପ୍ରଭାସ ନାୟକ, ଜିତେନ୍ଦ୍ର ପାଣି, ଦୀପକ ରାଉତ, ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଧୂଷୁରାଶୁଣୀଙ୍କ ୩ୟ ବାର୍ଷିକ ପୂଜା



ଅସୁରାଳି,୨୯।୧(ସମିସ): ଧୂଷୁରୀ ପଞ୍ଚାୟତ ଅଧୀନରେ ଥିବା ମା ଧୂଷୁରାଶୁଣୀଙ୍କ ତୃତୀୟ ବାର୍ଷିକ ଉତ୍ସବ ଅବସରରେ ଦ୍ୱିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଅଜୟ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ବାସନ୍ତୀ ମଲ୍ଲିକ ଏବଂ ନିରୋଦ ବେହେରା ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ବେହେରା ପ୍ରମୁଖ ପୂଜା କାର୍ଯ୍ୟ ସମାପନ କରିଥିଲେ। ମହିଳାମାନଙ୍କ ଦ୍ୱାରା ବିଶାଳ କଳସ ଶୋଭାଯାତ୍ରା ହୋଇ ମା'ଙ୍କ ପୀଠରେ ସ୍ଥାପନା କରାଯାଇଥିଲା। ଏହି ଉତ୍ସବରେ ସହଯୋଗ କରିଥିଲେ ବିଶ୍ୱନାଥ ସାମଲ, ସୌମ୍ୟ ରଞ୍ଜନ ବେହେରା, ଅନିଲ ପାତ୍ର, କାହ୍ନୁ ଚରଣ ପଣ୍ଡା, ବାବୁଲା ସାମଲ, ଜିତେନ୍ଦ୍ର ବାରିକ, ଶ୍ରୀଧର ଓଝା, ରବୀନ୍ଦ୍ର ପରିଡ଼ା, ଶିବପ୍ରସାଦ ବାରିକ, ସୁଶାନ୍ତ ପରିଡ଼ା, ସଞ୍ଜୀବ ବେହେରା ଏବଂ ଗ୍ରାମର ସମସ୍ତ ଶ୍ରଦ୍ଧାଳୁ। ପଣ୍ଡିତ ଦୀନବନ୍ଧୁ ହୋତା, ସୁରେନ୍ଦ୍ର ସାଏନ୍, ଧୀରେନ୍ଦ୍ର ପତି ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ଉତ୍ସବରେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତିଙ୍କ ସହ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ୨ ଦିନ ଧରି ଚାଲିଥିବା ଉତ୍ସବ ପାଇଁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଥିଲା।

## ଉତ୍କଳ କଳାକାର ସଂଘର ବାର୍ଷିକ ଉତ୍ସବ



ଦୋଳସାହି,୨୯।୧(ସମିସ): ତିହିଡ଼ି ବ୍ଲକ୍ ଉତ୍କଳ କଳାକାର ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍କଳ କଳାକାର ସଂଘ ପକ୍ଷରୁ ତିହିଡ଼ି ବ୍ଲକ୍ ସନ୍ନିକଟ ଓଡ଼ିଶା ବ୍ରିଗ୍ରେଡ୍ ସ୍କୁଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ଶିର୍କା, ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ, ତନୁଜା ଶିର୍କା, ଜିଲ୍ଲା କଳାକାର ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଯୋଗଦେଇଥିଲେ। ତିହିଡ଼ି ତହସିଲ୍‌ଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଂକୀର୍ତ୍ତନ ମାଧ୍ୟମରେ କଳାକାର ସଂଘ ପକ୍ଷରୁ ସମସ୍ତ ରାଜନୈତିକ ଦଳର ସହଯୋଗରେ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା।

## ୧୯ ୯ ୬ ବ୍ୟାଚ୍‌ର ବନ୍ଧୁ ମିଳନ



ଦୋଳସାହି,୨୯।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ବୀଣାପାଣି ଉଚ୍ଚ ବିଦ୍ୟାଳୟ ୧୯ ୯ ୬ ବ୍ୟାଚ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବନ୍ଧୁମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମରେ ସତ୍ୟାନନ୍ଦ ପାଣିଗ୍ରାହୀ, ଶାନ୍ତନୁ ପାଣିଗ୍ରାହୀ, ସୁଶାନ୍ତ ସାହୁ, ରମାକାନ୍ତ ପାଢ଼ୀ, ରମାକାନ୍ତ ଦାସ, ଅମିୟ ତ୍ରିପାଠୀ, ପ୍ରଦୀପ ସାହୁ, ସନ୍ତୋଷ ସାହୁ, ଅକ୍ଷୟ ମହାନ୍ତି, ପୀତାମ୍ବର ବେହେରା, ସୁକୁମାର ପଣ୍ଡା, ସୁଶାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

● ଟ୍ରାନ୍ସଫର୍ମରରୁ କଏଲ୍ ଚୋରି

## ଅନ୍ଧାରରେ ୧୫ ବିଦ୍ୟୁତ୍ ଉପଭୋକ୍ତା



ବନ୍ତ/ଆଗରପଡ଼ା,୨୯।୧(ସମିସ): ଗତ ବୁଧବାର ରାତିରେ ବନ୍ତ ଥାନା ଅନ୍ତର୍ଗତ ଟିଲୋ ଦେବତାଗଡ଼ିଆ ବିଦ୍ୟାଳୟ ଓ ତାଳପଦା ବିଦ୍ୟାଳୟ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟିରେ ଲାଗିଥିବା ଟ୍ରାନ୍ସଫର୍ମର ଭିତରୁ କଏଲ୍‌କୁ ଚୋରି କରି ଟ୍ରାନ୍ସଫର୍ମର ୨ଟିକୁ ଫୋପାଡ଼ି ଦୁର୍ବୃତ୍ତମାନେ ଚମ୍ପଟ୍ ମାରିଛନ୍ତି। ଏନେଇ ବନ୍ତ ଥାନାରେ ସ୍ଥାନୀୟ ସେକ୍ସନ୍ ପରିଚାଳକ ମାନସ ରଞ୍ଜନ ପଣ୍ଡା ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଚୋରି ହୋଇଥିବା କଏଲ୍‌ର ମୂଲ୍ୟ ୧ ଲକ୍ଷ ୨୨ ହଜାର ଟଙ୍କା ହୋଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ସେପଟେ ଅଭିଯୋଗ ପାଇ ବନ୍ତ ଥାନା ଏଏସ୍‌ଆଇ ସଂଗ୍ରାମ କେଶରୀ କରଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ବୈତରଣୀ ଓ କୋଚିଳା ନଦୀରୁ କୋଟି କୋଟି ଟଙ୍କାର ବାଲି ଲୁଟ୍

ଅସୁରାଳି,୨୯।୧(ସମିସ)



**ଖଣି ବିଭାଗ ଓ ପୁଲିସ ଚୁପ୍**

ଧାମନଗର ତହସିଲ୍ ଅଞ୍ଚଳରେ ବେଆଇନ ବାଲି ବ୍ୟବସାୟ ତଥା ବାଲି ମାଫିଆଙ୍କ ରାଜ୍ ଚରମ ସୀମାରେ ପହଞ୍ଚିଛି। ସାରା ଅଞ୍ଚଳ ଏକପ୍ରକାର ଅସ୍ଥିର ହୋଇ ପଡ଼ିଛି। ପ୍ରତିଦିନ ବହୁସଂଖ୍ୟକ ଟ୍ରାକ୍ଟର ବାଲି ବୋଝେଇ କରି ଧୂଷୁରୀ ଥାନା ଏବଂ ଆରଡ଼ି ଫାଣ୍ଡି ଅଞ୍ଚଳ ଦେଇ ଅବାଧରେ ଯାତାୟାତ କରୁଛନ୍ତି। ବାଲି ବୋଝେଇ ଟ୍ରାକ୍ଟର ଚଳାଚଳ ଯୋଗୁଁ ରାସ୍ତା ନଷ୍ଟ ହେବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ସବୁ ଜାଣି ଅଜଣା ହେଉଛନ୍ତି ସ୍ଥାନୀୟ ରାଜସ୍ୱ ଅଧିକାରୀ ଏବଂ ପୁଲିସ। ଉପର ମୁଣ୍ଡରେ ବାଲି ସରିଯିବା ଯୋଗୁଁ ଧାମନଗର ତହସିଲ୍ ଅଧୀନ ହସନାବାଦ ପଞ୍ଚାୟତର ଅସ୍ତକ ଗ୍ରାମ ନିକଟରୁ ନଦୀ ବନ୍ଧକୁ କାଟି ବାଲି ମାଫିଆମାନେ ବ୍ୟବସାୟ ଚଳାଇଛନ୍ତି। ନଦୀ କୂଳରେ ଥିବା ଜମି ମାଲିକମାନେ ଗୁଣ୍ଡାଗର୍ଦ୍ଦି କରି ଲୁଟୁଛନ୍ତି ବାଲି। ସେହିପରି ଚାନ୍ଦବାଲି ତହସିଲ୍ ଅଧୀନ ଦୋହରା ପାଟଣା, ବୋଡ଼କ, ସୁନ୍ଦରପୁର ଅଞ୍ଚଳର ବୈତରଣୀ ନଦୀ ଗର୍ଭରୁ ଉଠୁଛି ହଜାର ହଜାର ଟ୍ରିପ୍ ବାଲି। ଖଣି ବିଭାଗ, ପୁଲିସ, ଆରଡ଼ି ରାଜସ୍ୱ ନିରୀକ୍ଷକ ବାଲି ଉଠାଣକୁ ନେଇ ନିରବ ରହିବା କେତେଦୂର ସମୀଚିନ ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ କରାଯାଇଛି। ଯଦି ଏହି ଦୁଇଟି ସ୍ଥାନରେ ବାଲି ଚୋରା ବାଲି ଉଠାଣ ବନ୍ଦ ନ ହୁଏ ତେବେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସବୁ ଦେଖି ଅଧିକାରୀମାନେ କାହିଁକି ନିରବ ରହୁଛନ୍ତି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏକ୍ଷେତ୍ରରେ ପ୍ରଶାସନର ନିରବତା ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟିବାଚୀ କରିଛି।

ଟ୍ରାକ୍ଟର ଚଳାଚଳ ଯୋଗୁଁ ରାସ୍ତା ଉପରେ ବାଲି ପଡ଼ି ଦୁର୍ଘଟଣା ଜୋନ୍ ପାଲଟିଛି। ଫଳରେ ବାଇକ୍ ଓ ସ୍କୁଟି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ନିୟମ ଉଲ୍ଲଂଘନ କରି ନଦୀର ପାଣି ଭିତରୁ ବାଲି ଖୋଳାଯାଉଥିବାରୁ ଓଦା ବାଲିର ପାଣି ଝରି ପିଚୁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହସାନାବାଦଠାରୁ ଧୂଷୁରୀ, ଅସ୍ତକଠାରୁ ପାୟାସାହି, ଗାନ୍ଧୀଘାଟଠାରୁ ପନ୍ଦରବାଟିଆ, ବାଲିପାଟଣାଠାରୁ ନଦିଗାଁ ରୋଡ୍‌ରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହିତ ରାସ୍ତା ଫାଟି ଆଁ କଲାଣି। ଅଭିଯୋଗ ଅନୁସାରେ, ଏହି ବେଆଇନ ବାଲି ବ୍ୟବସାୟ ପଛରେ କାହାର ହାତ ରହିଛି ତାହା ଆଲୋଚ୍ୟର ବିଷୟ ପାଲଟିଛି। ଏହି ଚୋରା ବାଲି ବ୍ୟବସାୟ ବିଷୟରେ ଖଣି ବିଭାଗର କନିଷ୍ଠ ଅଧିକାରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଛନ୍ତି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ଏବଂ ବାଲି ଉଠାଯାଉଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ଉକ୍ତ ସ୍ଥାନକୁ ଜେସିବି ସାହାଯ୍ୟରେ ଖୋଳାଯାଇ ଉକ୍ତ ସ୍ଥାନକୁ ବନ୍ଦ କରାଯିବ ଏବଂ ସେହି ସ୍ଥାନରେ ସଚେତନତା ଫଳକ ଲଗାଯିବ।

## ପଞ୍ଚସଖା ଭବମୁକ୍ତି ସେବାଶ୍ରମର ପ୍ରତିଷ୍ଠା ଦିବସ



ବନ୍ତ/ଆଗରପଡ଼ା,୨୯।୧(ସମିସ): ବନ୍ତ ବ୍ଲକ୍ ଛୟାଳସିଂ ପଞ୍ଚାୟତ ଗୋପାଳପୁରସ୍ଥିତ ପଞ୍ଚସଖା ଭବମୁକ୍ତି ସେବାଶ୍ରମର ୪୦ତମ ପ୍ରତିଷ୍ଠା ଦିବସ ଓ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ୫୩୭ତମ ଜନ୍ମବାର୍ଷିକୀ ପାଳିତ ହୋଇଛି। ଗୁରୁବାରଠାରୁ ୩ ଦିନ ଧରି ଧୁମ୍‌ଧାମ୍‌ରେ ଏହା ପାଳିତ ହେବ। ପ୍ରତି ବର୍ଷ ପରି ଏ ବର୍ଷ ଗୋପାଳପୁର ଗ୍ରାମସ୍ଥିତ ମହାଦେବ ପୁଷ୍କରିଣୀରେ ୨୧ଟି କଳସ ଘଟ ଉତ୍ତୋଳନ କରି ଗ୍ରାମ ପରିକ୍ରମା ପରେ ଆଶ୍ରମ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜାରୀ ବିଷ୍ଣୁ ମୋହନ ଶତପଥୀ, ସମସ୍ତ ପୂଜା କାର୍ଯ୍ୟ ଓ ଯଜ୍ଞ ପୂଜା କାର୍ଯ୍ୟ ତୁଲାଇଥିଲେ। ଆଶ୍ରମର ମୁଖ୍ୟ ପୁରୋଧା ପ୍ରଧାନ ନ୍ୟାସିକ ବାବାଜୀ ରବିନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବଚକ ତପସ୍ୱିନୀ ପାଢ଼ୀ, ନିରାକାର ଗାହାଣଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ପାଲା, ଧୁଡୁକି, ଭଜନ, ନାମ ସଙ୍କୀର୍ତ୍ତନ ମଣ୍ଡଳୀ, ଓଡିଶୀ ନୃତ୍ୟ ଅନୁଷ୍ଠିତ ହେବ। ଶନିବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଓଡ଼ଙ୍ଗ, ଛୟାଳସିଂ, ଗଣିଜାଙ୍ଗ, ଟିଲୋ ପଞ୍ଚାୟତ ସମେତ ବନ୍ତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବାବାଜୀ ବସନ୍ତ କୁମାର, ରାମଚନ୍ଦ୍ର ତ୍ରିପାଠୀ, ତୁଳସୀ ଦାସ, ଚକ୍ରଧର ଗିରି, ନିତ୍ୟାନନ୍ଦ ପାଲ, ପ୍ରକାଶ ଚନ୍ଦ୍ର ଗିରି, ସୁକାନ୍ତ ଗିରି, ବିଜୟ ଗିରି, ମାର୍କଣ୍ଡ ଗିରି, ରମାକାନ୍ତ ଜେନା, ସୁବାସ ଚନ୍ଦ୍ର ଗିରି, ସଞ୍ଜୟ ଗିରି, ପ୍ରଫୁଲ୍ଲ ଜେନା, ପଦ୍ମନାଭ ସାହୁ ସମେତ ସମସ୍ତ ଆଶ୍ରମର ଭକ୍ତ ସହଯୋଗ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ବିଜେତାଙ୍କୁ ଆଶ୍ରମ ତରଫରୁ ପୁରସ୍କାର ସହିତ ସମ୍ବର୍ଦ୍ଧନା ଦିଆଯିବ।

## ରୋଗୀ କଲ୍ୟାଣ ସମିତି ବୈଠକ

ବନ୍ତ/ଆଗରପଡ଼ା,୨୯।୧(ସମିସ): ବନ୍ତ ବ୍ଲକ୍ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଡାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ) ପରିସରରେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ବିଭାଗୀୟ ଅଧିକାରୀଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗ ସମସ୍ୟା ଓ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପର୍କରେ ଆଲୋଚନା କରିବା ସହ ଆଗକୁ ତାପମାତ୍ରା ବୃଦ୍ଧି ପାଇବା ସମ୍ଭାବନା ଥିବାରୁ ଅଂଶୁଘାତ ମୁକାବିଲା ପାଇଁ ବିଭିନ୍ନ ଅଞ୍ଚଳରେ ସଚେତନତା ଶିବିର ଏବଂ ଓଆର୍‌ଏସ୍ ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ମନୋଜ ପତିଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଫାର୍ମାସିଷ୍ଟ ଜୟପ୍ରକାଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବିଡିଓ ସୀତାକାନ୍ତ ରାଉତ, ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ, ପୁରୁଷୋତ୍ତ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ମୀନା କୁମାରୀ ଜେନା, ବିନୋଦିନୀ ମହାନ୍ତି, ବ୍ଲକ୍ ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ, ଭୀଷ୍ମେଶ୍ୱର ଦାସ, ଡା. ତୀର୍ଥବ୍ରତ ମହାନ୍ତି, ଡା. ଜ୍ୟୋତି ରଞ୍ଜନ ଦାଶ, ଡା. ପୃଥ୍ୱୀରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଏହି ବୈଠକରେ ପୁଲିସ ହାଉସିଂ ବୋର୍ଡ ଆସିଷ୍ଟାଣ୍ଟ ଜେଇ ସୌମ୍ୟରଞ୍ଜନ ଜେନା, ସିଡିପିଓ ରୀତାରାଣୀ ମାଝୀ, ଏବିଇଓ ଭାଗୀରଥି ପାତ୍ର, ଏନ୍‌ଆର୍‌ଏଚ୍‌ଏମ୍ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ବେହେରା, କନିଷ୍ଠ ଯନ୍ତ୍ରୀ ବିଭୂ ଦାସଙ୍କ ସମେତ ବିପିଏମ୍ ଦେବାଶିଷ ବାଗୁଡ଼ିଆ, ବ୍ଲକ୍ ଆକାଉଣ୍ଟ ମ୍ୟାନେଜର ବିଜୟ କୁମାର ରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଦେଲେ ୧୫୨

ଦୋଳସାହି,୨୯।୧(ସମିସ): ସାରା ରାଜ୍ୟରେ ବୁଧବାର ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିବା ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିବାବେଳେ ଅନେକ ଛାତ୍ରଛାତ୍ରୀ ଅନ୍‌ଲାଇନ୍ କରି ପରୀକ୍ଷା ଦେଇ ନ ଥିବା ଜଣାଯାଇଛି। ସୂଚନା ମୁତାବକ, ତିହିଡ଼ି ବ୍ଲକ୍ ଶିକ୍ଷାଧିକାରୀଙ୍କ ପକ୍ଷରୁ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ପାଇଁ ୧୬୦ ଜଣ ଅନ୍‌ଲାଇନ୍ ଆବେଦନ କରିଥିବାବେଳେ ଦୋଳସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୫୨ ଜଣ ପରୀକ୍ଷା ଦେଇଛନ୍ତି। ୮ ଜଣ ଅନୁପସ୍ଥିତ ଥିବା ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନଶିକ୍ଷକ ଅଧୀର ରଞ୍ଜନ ତରାଇ ସୂଚନା ଦେଇଛନ୍ତି। ଏନେଇ ତିହିଡ଼ି ବ୍ଲକ୍ ଶିକ୍ଷାଧିକାରୀ ସୂର୍ଯ୍ୟ ଶିଖା ମହାନ୍ତି ଫୋନ୍ ଉଠାଇ ନ ଥିବାବେଳେ ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ ଏ ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି।

## ମାଛ କଣ୍ଟେନରରୁ ୮ ଗୋରୁ ଜବତ

## ପୁଲିସ ଗାଡ଼ିକୁ ଧକ୍କାଦେଇ ଫେରାର୍ ବେଳେ ଚାଳକ ଗିରଫ



ତିହିଡ଼ି,୨୯।୧(ସମିସ): ମାଛ କଣ୍ଟେନରରେ ଚାଲାଣ ହେଉଥିଲା ଗୋରୁ। କୌଣସି ସୂତ୍ରରୁ ଖବର ପାଇ ପୀରହାଟ ପୁଲିସ ଏହି ଗାଡ଼ିକୁ ଜବତ କରିବାରେ ସଫଳ ହେବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବୁଧବାର ରାତିରେ ଭଦ୍ରକ-ଚାନ୍ଦବାଲି ରାସ୍ତାର ବିନ୍ଧା ବଜାର ନିକଟରେ ପୁଲିସ ବ୍ୟାରିକେଡ୍ ରଖି ଜଗି ରହିଥିବାବେଳେ ସମ୍ପୃକ୍ତ ଗାଡ଼ିର ଡ୍ରାଇଭର ବ୍ୟାରିକେଡ୍ ଭାଙ୍ଗି ଖସିଯାଇଥିଲା। ପୁଲିସ ଏହାର ପିଛା କରି କମାରିଆ ବଜାର ନିକଟରେ ଅଟକାଉଥିବାବେଳେ ଡ୍ରାଇଭର ପୁଲିସ ଗାଡ଼ିକୁ ଧକ୍କା ଦେଇଥିଲା। ପରେ ସ୍ଥାନୀୟ ଲୋକେ ଗାଡ଼ିଟିକୁ ଅଟକାଇବାରେ ସକ୍ଷମ ହୋଇଥିଲେ। ପୁଲିସ ଗାଡ଼ି ଓ ଗୋରୁ ନେଇ ଯାଉଥିବା କଣ୍ଟେନର ଉଭୟ କ୍ଷତିଗ୍ରସ୍ତ ହୋଇଛି। ଗାଡ଼ିରେ ଥିବା ୮ଟି ଗୋରୁଙ୍କୁ ତିହିଡ଼ି ପତିତପାବନ ଗୋଶାଳାରେ ଛଡ଼ାଯାଇଛି। ଗିରଫ ଡ୍ରାଇଭର ହେଉଛି ସେକ୍ ସାଜିରୁଦ୍ଦିନ। ତା' ଘର ଭଦ୍ରକ ପୁରୁଣାବଜାର ଗୌସିଆ ନଗରରେ। ଗୋରୁମାନଙ୍କୁ ଯେଉଁପରି ଅମାନୁଷିକ ଭାବେ ଚାଲାଣ କରାଯାଉଛି ତାହାକୁ ନେଇ ବିଭିନ୍ନ ସଂଗଠନ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ବନ୍ଧୁ ମିଳନ ଓ ଆଲୋଚନାଚକ୍ର



ଧାମନଗର,୨୯।୧(ସମିସ): ଶିକ୍ଷାବିତ୍ ନିତ୍ୟାନନ୍ଦ ସ୍ମାରକୀ ପାଠାଗାର କେନ୍ଦ୍ର ପକ୍ଷରୁ ବନ୍ଧୁ ମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଠାଗାରର ପରିଚାଳକ ରସାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଧାମନଗର ପାଠାଗାର କେନ୍ଦ୍ରଠାରୁ ଏକ ଭ୍ରମଣ ଯାତ୍ରାରେ ବାହାରି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ରେମୁଣା, ନୀଳଗିରି, ଇମାମି ଜଗନ୍ନାଥ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ଦେବଦେବୀ ମନ୍ଦିର ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ବିନୋଦ ନାୟକଙ୍କ ସଞ୍ଚାଳନରେ ପଞ୍ଚଲିଙ୍ଗେଶ୍ୱର ନିକଟରେ ଥିବା ଏକ ଗେଷ୍ଟହାଉସ୍ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଭ୍ରମଣ ଯାତ୍ରା କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା, ସଭ୍ୟ ନିରାକାର ଧଳ, ରାମଚନ୍ଦ୍ର ସାହୁ, ନରେନ୍ଦ୍ର ମଲ୍ଲିକ, ରାଧେଶ୍ୟାମ ପଣ୍ଡା, ସାମ୍ବାଦିକ ସୁଧାକର ଦାଶ, କୃଷ୍ଣ ଚନ୍ଦ୍ର ଜେନା, କୈଳାସ ଚନ୍ଦ୍ର ଗୁପ୍ତା, ବିବେକାନନ୍ଦ ପଣ୍ଡା, ସେକ୍ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, ଦୀନକୃଷ୍ଣ ମହାପାତ୍ର, ରଜତ ପଣ୍ଡା, ଗୋଲାମ ଜିଲାନି ହବିବି, ଅଧ୍ୟାପିକା ଡ. ହରିପ୍ରିୟା ସେଠୀ, ଶିକ୍ଷୟିତ୍ରୀ ସୁମତି ନାୟକ, ହାଇସ୍କୁଲ ପରିଚାଳନା କମିଟିର ସଭାପତି ପ୍ରହଲ୍ଲାଦ ମହାପାତ୍ର, କର୍ମଚାରୀ ରତିକାନ୍ତ, ପ୍ରମୋଦ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପାଠାଗାର କର୍ମଚାରୀ ପୁରୁଷୋତ୍ତମ ମାହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗବସାହି ମା' ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ



ଭଦ୍ରକ,୨୯।୧(ସମିସ): ଭଦ୍ରକ ପୌରାଞ୍ଚଳ ୭ନଂ ୱାର୍ଡ ଗବସାହିସ୍ଥିତ ମା' ତାରିଣୀ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରଥମ ଦିବସରେ ଶତାଧିକ ମହିଳା ସାଳନ୍ଦୀ ନଦୀଘାଟରୁ କଳସ ବୁଡ଼ାଇ ଏକ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସମସ୍ତ କଳସ ସ୍ଥାପନା ପରେ ପୂଜାରୀତି ଆରମ୍ଭ ହୋଇଥିଲା। କଳସ ସ୍ଥାପନ, ସୂର୍ଯ୍ୟପୂଜା, ଗ୍ରହଶାନ୍ତି, ମା'ଙ୍କ ଷୋଡ଼ଶ ପୂଜା ହୋଇଥିଲା। ପରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଚଣ୍ଡୀପାଠ ହୋଇଥିଲା। କର୍ତ୍ତା ଭାବେ ସାମ୍ବାଦିକ ଜ୍ଞାନ ପ୍ରକାଶ ପାଣି ଓ ତାଙ୍କ ଧର୍ମପତ୍ନୀ ଯୁଥିକା ପାଣି, ଉପସଭାପତି ସରୋଜ ରାଉଳ ଓ ତାଙ୍କ ଧର୍ମପତ୍ନୀ ସୁଭଦ୍ରା ରାଉଳ ବସିଥିଲେ। ମା' ତାରିଣୀ ମନ୍ଦିର ପରିଚାଳନା କମିଟିର ସଭାପତି ଜଗବନ୍ଧୁ ପାଣି, ଉପସଭାପତି ସରୋଜ ରାଉଳ, ସମ୍ପାଦକ ଅନୁପ ସାହୁ, ସହ ସମ୍ପାଦକ ଜଗବନ୍ଧୁ ଜେନା, କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ, ଉପଦେଷ୍ଟା ହରେକୃଷ୍ଣ ଦାସ, ରାଜେନ୍ଦ୍ର ଜେନା, ରାଜେଶ ଦାସ, ଅକ୍ଷୟ ନାୟକ, ରାମହରି ଜେନା, ଦାଶରଥି ଜେନା, ଅଶୋକ ଜେନା ଓ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

**ଅସୁରାଳିରେ ଧାମନଗର ଶୀତ ମହୋତ୍ସବ ଶୁଭାରମ୍ଭ**

## 'ଇତିହାସକୁ ଉଜ୍ଜୀବିତ କରେ ମହୋତ୍ସବ'

ଅସୁରାଳି,୨୯।୧(ସମିସ)



ଧାମନଗର ବ୍ଲକ୍ ଅସୁରାଳିସ୍ଥିତ ସହିଦ ସ୍ମୃତି ଷ୍ଟାଡିୟମ୍‌ରେ ଧାମନଗର ଶୀତ ମହୋତ୍ସବ ଶୁଭାରମ୍ଭ ହୋଇଛି। ବିଶିଷ୍ଟ ସଂସ୍କୃତି ଗବେଷକ ପୁଷ୍ପେନ୍ଦ୍ର କୁଳଶ୍ରେଷ୍ଠ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଆଜିର ଯୁବପିଢ଼ି ନିଜ ନିଜର ଅତୀତ ପରିଚୟକୁ ଖୋଜିବାର ସମୟ ଆସିଛି ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବରେ ବକ୍ତବ୍ୟ ରଖି ମହୋତ୍ସବ ଆମ ପାଇଁ ସମ୍ପର୍କର ସେତୁ ଏବଂ ସାଂସ୍କୃତିକ ଚେତନାର ଜାଗରଣ କରୁଥିବା କହିଥିଲେ। ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର ହୋତା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ବରିଷ୍ଠ ନେତା ନାରାୟଣ ସାହୁ, ନାଟ୍ୟକାର ବିଜୟ ଦାସ, ସମାଜସେବୀ ହେମେନ୍ଦ୍ର ସାହୁ, ବିବିସିସି ବ୍ୟାଙ୍କର ପ୍ରାକ୍ତନ ସଭାପତି ରଘୁନାଥ ଲେଙ୍କା, ଶିକ୍ଷାବିତ୍ ରାଜକିଶୋର ନାୟକ, କବି କିଶୋର ପାଣିଗ୍ରାହୀ, ଡ. ସୁବାସ ବାରିକ, ଆଶିଷ ଜେନା, ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଏବଂ ସଙ୍ଗୀତକାର ବାମନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସ୍ୱାଗତ ଭାଷଣ ଦେଇଥିଲାବେଳେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ସୋମା ମହାପାତ୍ର ଓ ଶୁଭମ୍ ବେହେରା ଉତ୍ସବକୁ ସଞ୍ଚାଳନ କରିଥିଲେ। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ସଙ୍ଗୀତ ଏବଂ ରାଜସ୍ଥାନର ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଆଇନଜୀବୀ ଦୀପ୍ତି ରଞ୍ଜନ ଜେନା, ସାମାଜିକ କର୍ମୀ ଚତୁର୍ଭୁଜ ନାୟକ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ରାମଚନ୍ଦ୍ର ମିଶ୍ର, ଇଂ. କିଶୋର ଦାସ, ଆଶିଷ ଜେନା, ରାଜେନ୍ଦ୍ର ସାହୁ, ଶ୍ରୀକାନ୍ତ ନାୟକ, ଅସୁରାଳି ସରପଞ୍ଚ ମିନତୀ ସାହୁ, ପ୍ରଶାନ୍ତ ନାୟକ, ସୂରଜ ସାହୁ, ଅଶୋକ ପଣ୍ଡା, ଅନିରୁଦ୍ଧ ସାହୁ, ଗଡ଼ିଆଳି ସରପଞ୍ଚ ସରୋଜ ସ୍ୱାଇଁ, ଇଂ. କିଶୋର ଦାସ, ମହେଶ୍ୱତା ମହାଳିକ, ହରେକୃଷ୍ଣ ପାଢ଼ୀ, କବିତା ସାହୁ, ନମିତା ପଣ୍ଡା, ମଧୁସ୍ମିତା ନାୟକ, ମନୋରମା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଧାମନଗର ସମେତ ଜିଲ୍ଲାର ଅନେକ ଦର୍ଶକ ଉପସ୍ଥିତ ରହି ମନୋରଞ୍ଜନ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବହୁ ବ୍ୟାବସାୟିକ ଷ୍ଟଲ୍ ଖାଲି ରହିଥିବା ଦେଖିବାକୁ ମିଳିଥିଲା।

## ଚାନ୍ଦବାଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଆଳି ଚାମ୍ପିଅନ




ଭଦ୍ରକ,୨୯।୧(ସମିସ): ଚାନ୍ଦବାଲି ସିଟି ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମ୍ ପରିସରରେ ଚାଲିଥିବା ତ୍ରୟୋଦଶ ଚାନ୍ଦବାଲି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ଓଲାଭର କ୍ରିକେଟ୍ ଟିମ୍ ଓ ଆଳି କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଓଲାଭର ନିର୍ଦ୍ଧାରିତ ଓଭରରେ ୨୪୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଳି ଟିମ୍ ୧୯ ଓଭରରେ ୬ ୱିକେଟ ହରାଇ ମ୍ୟାଚ୍ ଜିତି ଚାମ୍ପିଅନ ହୋଇଥିଲା। ଆଳି ଟିମ୍‌ର ଜ୍ଞାନରଞ୍ଜନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କ୍ରୀଡ଼ା ସଂଗଠକ ଶିକ୍ଷକ ଅମୂଲ୍ୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ସମ୍ମାନିତ ଅତିଥି ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ପ୍ରିନ୍ସ ରାକେଶ ନାୟକ, ରଘୁନାଥ ସାହୁ, ପ୍ରଫୁଲ୍ଲ କୁମାର ସାହୁ (ବିରେନ୍) ଓ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଧର୍ମେନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଜ୍ୟୋତି ପ୍ରକାଶ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର ଭାବେ ଅମିତ୍ ସୁତାର ଓ ସନ୍ଦୀପ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ଚାନ୍ଦବାଲି ସିଟି ସ୍ପୋର୍ଟିଂ କ୍ଲବ୍‌କୁ ପୁରସ୍କୃତ କରାଯାଇଥିଲା। ବିଜେତା ଦଳକୁ ଟ୍ରଫି ସହିତ ୨୦ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଦେବାଶିଷ ନାୟକ, ସ୍ୱାଗତ ସ୍ୱାଇଁ, ଧର୍ମଜିତ୍ ଦାସ, ଜ୍ୟୋତି ପ୍ରକାଶ ଦାସ, ଅବ୍‌ଦୁଲ କାଦିର ପ୍ରମୁଖ ପରିଚାଳନା କରିଥିଲେ।

